୨୧-୨୭ ସେପ୍ଟେମ୍ବର, ୨୦୨୫

ସକାଳ
THE SAKALA

# ରବିବାର ସିନ୍ଦୁରା



- ଯୁବ ମେଳିରେ ସରକାର ବଳି
- ଭାରତ-ନେପାଳ ସଂପର୍କ
- ବିଦ୍ରୋହ ଓ ନେପାଳ ସେନା
- ନେପାଳର ଗଣତାନ୍ତ୍ରିକ ଭବିଷ୍ୟତ
- ଭାରତ-ନେପାଳ ବାଣିଜ୍ୟିକ ସଂପର୍କ

## ପରିବର୍ତ୍ତନର ସ୍ୱର

# ଜେନ୍ ଜେଡ୍



ଯେ କୌଣସି ଦେଶ ଓ ସମାଜକୁ ବିକାଶର ଶିଖରକୁ ନେବାରେ ଯୁବପିଢ଼ିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାଷ୍ଟ୍ରର ବିକାଶ, ପରିବର୍ତ୍ତନ, ସମୃଦ୍ଧି ଓ ସମ୍ମାନ ପାଇଁ ଯୁବଗୋଷ୍ଠୀ ସର୍ବଦା ସକ୍ରିୟ ରହିଥାନ୍ତି । ସମାଜକୁ ବିକଶିତ କରିବା ଓ ରାଷ୍ଟ୍ର ନିର୍ମାଣରେ ସର୍ବାଧିକ ଯୋଗଦାନ ଯୁବପିଢ଼ିର ରହିଥାଏ । ଆଜି ବିଶ୍ୱର ସାମାଜିକ, ରାଜନୀତିକ, ଆର୍ଥିକ, ସାଂସ୍କୃତିକ, ବୈଜ୍ଞାନିକ ଆଦି ଯେତେ ସବୁ କ୍ରାନ୍ତିକାରୀ ପରିବର୍ତ୍ତନ ହୋଇଛି, ଏହା ପଛରେ ଯୁବବର୍ଗଙ୍କ ହାତ ରହିଛି । ଯୁବଶକ୍ତିର ପ୍ରଭାବରେ ଦେଶରେ ବିରାଟ ପରିବର୍ତ୍ତନ ଆସିପାରେ । ଆଉ ଏହାର ସଦ୍ୟ ପ୍ରମାଣ ହେଉଛି ଭାରତର ପଡ଼ୋଶୀ ରାଷ୍ଟ୍ର ନେପାଳରେ ହୋଇଥିବା ଜେନ୍ ଜେଡ୍ ଆନ୍ଦୋଳନ । ନେପାଳରେ ଜେନ୍-ଜେଡ୍ ବିଦ୍ରୋହ ସରକାରକୁ ପରିବର୍ତ୍ତନ କରିଦେଇଛି । କେପି ଶର୍ମା ଓଲି ସରକାରଙ୍କୁ ଗାଦିଚ୍ୟୁତ କରିଦେଇଛି । ଏହି ଆନ୍ଦୋଳନ ନେପାଳକୁ ବଡ଼ ଝଟକା ଲାଗିଛି । ତେବେ ଜେନ୍ ଜେଡ୍‌ର ହିଂସାତ୍ମକ ଆନ୍ଦୋଳନରେ ବ୍ୟାପକ ଧନଜୀବନ ନଷ୍ଟ ହୋଇଛି । ବର୍ତ୍ତମାନ ଯୁବପିଢ଼ିଙ୍କ ଏହି ଆନ୍ଦୋଳନର ପ୍ରଭାବ ଅନ୍ୟ ରାଷ୍ଟ୍ର ଉପରେ ମଧ୍ୟ ପଡ଼ିବ ବୋଲି ଚର୍ଚ୍ଚା ହେଉଛି ।

ସୋସିଆଲ୍ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବାଠାରୁ ଆରମ୍ଭ କରି ଦେଶରେ ଦୁର୍ନୀତି, ବେକାରୀ ସମସ୍ୟା, ଦରଦାମ ବୃଦ୍ଧି ଆଦି ହେଉଛି ନେପାଳରେ ଜେନ୍ ଜେଡ୍ ଆନ୍ଦୋଳନର ମୁଖ୍ୟ କାରଣ । ୧୯୯୭ ମସିହାରୁ ୨୦୧୨ ମଧ୍ୟରେ ଜନ୍ମିତ ବ୍ୟକ୍ତି ହିଁ ଜେନ୍ ଜେଡ୍ ବା ଜେନରେସନ୍ ଜେଡ୍‌ରେ ଅନ୍ତର୍ଭୁକ୍ତ । ବର୍ତ୍ତମାନ ସେମାନଙ୍କ ବୟସ ୧୩ରୁ ୨୮ ବର୍ଷ ମଧ୍ୟରେ । ଏହି ପିଢ଼ିର ଅଧିକାଂଶ ଯୁବକଯୁବତୀ ଇଣ୍ଟରନେଟ୍ ଓ ସୋସିଆଲ୍ ମିଡିଆ ସହିତ ଜଡ଼ିତ । ଯେଉଁମାନେ ସାମାଜିକ ସଚେତନତା ଓ ଉଚ୍ଚକୋଟୀର କାର୍ଯ୍ୟଶୈଳୀକୁ ପସନ୍ଦ କରନ୍ତି । ଭାରତର ଗୋଟିଏ ପରେ ଗୋଟିଏ ପଡ଼ୋଶୀ ରାଷ୍ଟ୍ର ଅଶାନ୍ତ ହେବାରେ ଲାଗିଛି । ମିଆଁମାର, ଶ୍ରୀଲଙ୍କା, ବାଂଲାଦେଶ, ପାକିସ୍ତାନ ପରେ ଏବେ ନେପାଳରେ ଦେଖାଦେଇଛି ରାଜନୈତିକ ଅସ୍ଥିରତା । ଯୁବପିଢ଼ିଙ୍କ ଆନ୍ଦୋଳନରେ ଭୁଶୁଡ଼ି ପଡୁଛି ସରକାର । ଏହି ପରିପ୍ରେକ୍ଷୀରେ ଜେନ୍-ଜେଡ୍ ଆନ୍ଦୋଳନ, ନେପାଳରେ ହିଂସାତ୍ମକ ବିଦ୍ରୋହ, ରାଜନୈତିକ ଅସ୍ଥିରତା, ଭାରତ-ନେପାଳ ସଂପର୍କ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ :

# ପରିବର୍ତ୍ତନର ସ୍ୱର : ଜେନ୍ ଜେଡ୍

ପ୍ରସ୍ତୁତି 'ସକାଳ' ବ୍ୟୁରୋ



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ



**ମେଷ**

ରବି, ସୋମ, ମଙ୍ଗଳବାରରେ ଭାବିଚିନ୍ତି ପଦକ୍ଷେପ ନିଅନ୍ତୁ । ଦୀର୍ଘଦିନର ସମସ୍ୟାର ସମାଧାନ ହେବ । ବୁଧ, ଗୁରୁବାରରେ ଅନ୍ୟକୁ ସାହାଯ୍ୟ କରି ସନ୍ତୋଷ ଅନୁଭବ କରିବେ । ଶୁକ୍ର, ଶନିବାରରେ ସମୟ ଅନୁସାରେ କାର୍ଯ୍ୟ କରନ୍ତୁ । ମନରେ ଥିବା ପ୍ରଶ୍ନର ଉତ୍ତର ପାଇଯିବେ ।




**ବୃଷ**

ରବି, ସୋମ, ମଙ୍ଗଳବାରରେ ସମାଜରେ ସୁଖ, ସମ୍ମାନ ପ୍ରାପ୍ତି ହେବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଉଚ୍ଚ ଅଧିକାରୀଙ୍କ ସହଯୋଗ ପାଇବେ । ବୁଧ, ଗୁରୁବାରରେ ଉତ୍ତେଜନା ପରିସ୍ଥିତି ରହିପାରେ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭବାନ ହେବେ । ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାରେ ।




**ମିଥୁନ**

ରବି, ସୋମ, ମଙ୍ଗଳବାରରେ ସମସ୍ୟାର ସମାଧାନ ବାଟ ଦେଖାଦେବ । ଅର୍ଥନୈତିକ କାରବାରରେ ଅଙ୍କୁଶ ଲଗାନ୍ତୁ । ବୁଧ, ଗୁରୁବାରରେ ବ୍ୟବସାୟରେ ଲାଭବାନ ହେବେ । ଶୁକ୍ର, ଶନିବାରରେ ଜୀବନରେ ନୂତନ ମୋଡ଼ ଆସିପାରେ । ହଜିଯାଇଥିବା ସାମଗ୍ରୀ ଫେରି ପାଇବେ ।



**କର୍କଟ**

ରବି, ସୋମ, ମଙ୍ଗଳବାରରେ ଅନ୍ୟ ଉପରେ ଅଧିକ ବିଶ୍ୱାସ କରନ୍ତୁ ନାହିଁ । କ୍ୟାରିୟର୍‌ରେ ଉନ୍ନତି ହେବ । ବୁଧ, ଗୁରୁବାରରେ ଆଶା କରୁ ନଥିବା ଦିଗରୁ ଶୁଭ ଖବର ପାଇବେ । ଶୁକ୍ର, ଶନିବାରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ପରିବାର ସହ ଅଧିକ ସମୟ କଟାଇବାକୁ ପସନ୍ଦ କରିବେ ।



**ସିଂହ**

ରବି, ସୋମ, ମଙ୍ଗଳବାରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । କର୍ମକ୍ଷେତ୍ରରେ ହତୋତ୍ସାହ ହେବେ । ଭ୍ରମଣ ଯୋଗ ରହିଛି । ବୁଧ, ଗୁରୁବାରରେ ପାରିବାରିକ ଜୀବନରେ ସୁଖ, ସନ୍ତୋଷ ପ୍ରାପ୍ତି ହେବ । ଶୁକ୍ର, ଶନିବାରରେ ବ୍ୟବସାୟ ମନ୍ଥର ରହିବ । ଅନ୍ୟ ଉପରେ ଅଧିକ ଭରସା କରନ୍ତୁ ନାହିଁ ।



**କନ୍ୟା**

ରବି, ସୋମ, ମଙ୍ଗଳବାରରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ନିଜ ଲକ୍ଷ୍ୟରେ ଧ୍ୟାନ ରଖନ୍ତୁ । ଆଳସ୍ୟତା ଅନୁଭବ କରିବେ । ବୁଧ, ଗୁରୁବାରରେ ଆଶା କରୁଥିବା ଦିଗରୁ ଲାଭ ପାଇପାରନ୍ତି । ଶୁକ୍ର, ଶନିବାରରେ ନୂତନ ନିଯୁକ୍ତି ଯୋଗ ରହିଛି । ଭବିଷ୍ୟତକୁ ନେଇ ଯୋଜନା ପ୍ରସ୍ତୁତ କରିବେ ।



**ତୁଳା**

ରବି, ସୋମ, ମଙ୍ଗଳବାରରେ ଦେହ ଓ ମନ ଭଲ ରହିବ । ଘରକୁ ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାରେ । ସାଙ୍ଗସାଥୀଙ୍କ ସହ ଭ୍ରମଣରେ ଯାଇପାରନ୍ତି । ବୁଧ, ଗୁରୁବାରରେ ସାହସିକତାର ପରିଚୟ ଦେବେ । ଶୁକ୍ର, ଶନିବାରରେ ନିଜ ଭାବନା ଉପରେ ନିୟନ୍ତ୍ରଣ ରକ୍ଷା କରନ୍ତୁ । ବିଭିନ୍ନ କ୍ଷେତ୍ରରେ ଲାଭବାନ ହେବେ ।



**ବିଛା**

ରବି, ସୋମ, ମଙ୍ଗଳବାରରେ ଦୀର୍ଘ ଦିନର ସମସ୍ୟା ଦୂର ହେବ । କର୍ମକ୍ଷେତ୍ରରେ ସଫଳତା ପାଇବେ । ନିଜ ଲକ୍ଷ୍ୟ ପୂରଣ କରି ସନ୍ତୋଷ ଅନୁଭବ କରିବେ । ବୁଧ, ଗୁରୁବାରରେ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ଉଚିତ । ଶୁକ୍ର, ଶନିବାରରେ ଉଚିତ ନିଷ୍ପତ୍ତି ନେଇ ଆଗକୁ ବଢ଼ିବେ ।



**ଧନୁ**

ରବି, ସୋମ, ମଙ୍ଗଳବାରରେ ଦ୍ୱନ୍ଦ୍ୱରେ ରହି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଅଯଥା ଖର୍ଚ୍ଚରେ ପଡ଼ିପାରନ୍ତି । ପାରିବାରିକ ସମସ୍ୟା ବଢ଼ିଯାଇପାରେ । ବୁଧ, ଗୁରୁବାରରେ ନିଜର ସ୍ୱାଧୀନତା ପାଇଁ ଲଢ଼ିବେ । ଶୁକ୍ର, ଶନିବାରରେ ପ୍ରେମ ଓ ଦାମ୍ପତ୍ୟ ଜୀବନ ସୁଖମୟ ରହିବ ।



**ମକର**

ରବି, ସୋମ, ମଙ୍ଗଳବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ । ଅତିଥିଙ୍କ ଆଗମନ ହୋଇପାରେ । ବୁଧ, ଗୁରୁବାରରେ ଶୁଭ ଖବର ପାଇବେ । ଶୁକ୍ର, ଶନିବାରରେ ଆର୍ଥିକ ସ୍ଥିତିରେ ଉନ୍ନତି ହେବ । ନିଜ ବ୍ୟବହାରରେ ସଂଯମତା ରକ୍ଷା କରନ୍ତୁ ।



**କୁମ୍ଭ**

ରବି, ସୋମ, ମଙ୍ଗଳବାରରେ ସୃଜନଶୀଳତାର ପରିଚୟ ଦେବେ । କର୍ମକ୍ଷେତ୍ରରେ ଆଗୁଆ ରହିବେ । ସନ୍ତାନସନ୍ତତି ଉନ୍ନତି କରିବେ । ବୁଧ, ଗୁରୁବାରରେ ନୂତନ ନିବେଶରୁ ନିବୃତ୍ତ ରୁହନ୍ତୁ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭବାନ ହେବେ । ଅକସ୍ମାତ୍ ହଜିଯାଇଥିବା ଦ୍ରବ୍ୟ ପାଇବେ ।



**ମୀନ**

ରବି, ସୋମ, ମଙ୍ଗଳବାରରେ ଦେହ ଓ ମନ ଭଲ ରହିବ । ସଫଳତା ପାଇବେ । ଯୋଜନା କରି ଆଗକୁ ବଢ଼ନ୍ତୁ । ବୁଧ, ଗୁରୁବାରରେ ସମସ୍ୟାରୁ ମୁକ୍ତି ପାଇବେ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ । ଅପେକ୍ଷା କରିଥିବା ସାଥୀ ଜୀବନରେ ଆସି ପାରନ୍ତି ।

# ପରିବର୍ତ୍ତନର ସ୍ୱର

# ଜେନ୍ ଜେଡ୍



**ନେପାଳ ସରକାରଙ୍କ ବିରୁଦ୍ଧରେ ଜେନ୍- ଜେଡ୍‌ଙ୍କ ପ୍ରତିବାଦ ପୂରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି । ପୂରା ବିକ୍ଷୋଭ ପ୍ରଦର୍ଶନ ଜେନ୍ ଜେଡ୍ ହିଁ କରିଛନ୍ତି । ୪ ବର୍ଷରେ ଏଇ ପିଢ଼ି ତିନି ଦେଶର ସରକାରଙ୍କୁ ଗାଦିଚ୍ୟୁତ କରି ଦେଇଛନ୍ତି । ତେବେ ଏହି ଜେନ୍ ଜେଡ୍ କୌଣସି ରାଜନୈତିକ, ସାମାଜିକ, ସାଂସ୍କୃତିକ ସଂଗଠନ ନୁହଁନ୍ତି, ବରଂ ଏକ ପିଢ଼ିକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ଏକ ଶବ୍ଦ । ନେପାଳ ବିଦ୍ରୋହ ଘଟଣା ପରଠୁ ଜେନ୍ ଜେଡ୍‌ଙ୍କ ବିଷୟରେ ଜାଣିବା ଲାଗି ସମସ୍ତଙ୍କ ଉତ୍ସୁକତା ବଢ଼ିଛି । ତେବେ ପିଢ଼ିର ପ୍ରକାର, ଜେନ୍ ଜେଡ୍ କାହିଁକି କୁହାଯାଉଛି, ସେମାନେ ଆଗାମୀ ଦିନରେ କ'ଣ ସବୁ ପରିବର୍ତ୍ତନ ଆଣିବେ ଆଦି ଅନ୍ୟାନ୍ୟ ଦିଗକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।**

## କେଉଁ ବୟସ, କେଉଁ ପିଢ଼ି

ଜେନେରେସନ୍ ଅର୍ଥାତ୍ ପିଢ଼ିକୁ ଅଲଗା ଅଲଗା ବୟସ ହିସାବରେ ବଣ୍ଟନ କରାଯାଇଛି । ତେବେ ୧୯୦୧ରୁ ୧୯୨୭ ମଧ୍ୟରେ ଜନ୍ମିତ ଲୋକଙ୍କୁ 'ଗ୍ରେଟେଷ୍ଟ ଜେନେରେସନ'ରେ ସାମିଲ କରାଯାଇଛି । ଏହି ପିଢ଼ି ଗ୍ରେଟ୍ ଡିପ୍ରେସନ୍ ଦେଖିଛନ୍ତି ଏବଂ ପୁଣି ଦ୍ୱିତୀୟ ବିଶ୍ୱଯୁଦ୍ଧ ଦେଖିଛନ୍ତି । 'ସାଇଲେଣ୍ଟ ଜେନେରେସନ୍' ହେଉଛନ୍ତି ସେହି ପିଢ଼ି, ଯେଉଁମାନଙ୍କ ଜନ୍ମ ୧୯୨୮ ମସିହାରୁ ୧୯୪୫ ମସିହାରେ ହୋଇଛି । ସେମାନେ ଆର୍ଥିକ ଅସ୍ଥିରତା ମଧ୍ୟରେ ବଡ଼ ହୋଇଛନ୍ତି । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଶେଷ ହେବା ପରେ ଅଧିକାଂଶ ଦେଶରେ ଦ୍ରୁତ ଭାବେ ଜନ୍ମହାର ବୃଦ୍ଧି ପାଇଲା । ତେଣୁ ୧୯୪୬ ମସିହାରୁ ୧୯୬୪ ମସିହା ମଧ୍ୟରେ ଜନ୍ମିତ ଲୋକଙ୍କୁ 'ବେବି ବୁମର୍ସ' କୁହାଗଲା । ସେହିପରି ୧୯୬୫ ମସିହାରୁ ୧୯୮୦ ମଧ୍ୟରେ ଜନ୍ମିତ ଲୋକ 'ଜେନେରେସନ୍ ଏକ୍ସ' ପଦବାଚ୍ୟ । ଅନ୍ୟପଟେ 'ଜେନ୍ ୱାଇ' ବା ମିଲେନିୟଲସ ପିଢ଼ି ୧୯୮୧ରୁ ୧୯୯୬ ମସିହାରେ ଜନ୍ମ ଗ୍ରହଣ କରିଛନ୍ତି । ୧୯୯୭ରୁ ୨୦୧୨ ମସିହା ମଧ୍ୟରେ ଜନ୍ମଗ୍ରହଣ କରିଥିବା ଲୋକଙ୍କୁ 'ଜେନ୍ – ଜେଡ୍' ବୋଲି କୁହାଯାଉଛି । ସେହିପରି ୨୦୧୩ ମସିହାରୁ ୨୦୧୪ ମସିହା ମଧ୍ୟରେ ଜନ୍ମିତ ଲୋକଙ୍କୁ 'ଜେନ୍ ଆଲ୍‌ଫା'ରେ ସାମିଲ କରାଯାଇଛି । ବର୍ତ୍ତମାନର ସବୁଠୁ ନୂଆ ଜେନେରେସନ୍‌ର ନାଁ ହେଉଛି 'ଜେନେରେସନ୍ ବିଟା ।' ୨୦୨୫ ମସିହାରୁ ୨୦୩୯ ମସିହା ମଧ୍ୟରେ ଜନ୍ମିତ ଶିଶୁ ଏହି ପିଢ଼ିରେ ସାମିଲ ହେବେ । ଏହି ପିଢ଼ି ବୈଷୟିକ ଜ୍ଞାନ କୌଶଳ ଦୃଷ୍ଟିରୁ ଖୁବ୍ ସକ୍ଷମ । ବିଟା ପିଢ଼ି ସ୍ମାର୍ଟଫୋନ୍, ସୋସିଆଲ୍ ମିଡିଆ ଏବଂ ଇଣ୍ଟରନେଟ୍ ସହିତ ବଢ଼ିବେ ।



## ଜେନ୍ ଜେଡ୍ କ'ଣ

ବର୍ତ୍ତମାନ ଜେନେରେସନ୍ ଜେଡ୍‌ର ସଂଖ୍ୟା ଦ୍ରୁତ ଭାବେ ବୃଦ୍ଧି ପାଉଛି । ତେବେ ଆଜିର ଯୁବପିଢ଼ି, ଯେଉଁମାନେ ୧୯୯୭-୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଛନ୍ତି, ସେମାନଙ୍କୁ 'ଜେନେରେସନ୍ ଜେଡ୍'ର ଟ୍ୟାଗ୍ ପ୍ରଦାନ କରାଯାଇଛି । ଜେନେରେସନ୍ ଜେଡ୍‌ଙ୍କୁ ସାଧାରଣତଃ 'ଜୁମର୍ସ', 'ଜେନ୍ ଜି' ବୋଲି କୁହାଯାଉଛି । ଏପରିକି ଟେକ୍ନୋଲୋଜିର କିଙ୍ଗ୍ ଭାବେ ସେମାନେ ପରିଚିତ । ତେବେ 'ଜୁମର୍ସ' ହେଉଛନ୍ତି ଇନ୍‌ଷ୍ଟାଗ୍ରାମ ଜେନେରେସନ୍ । ଯେଉଁମାନେ ବହି ତୁଳନାରେ ଫୋନ୍‌ରେ ଅଧିକ ସମୟ ଅତିବାହିତ କରନ୍ତି । ଖବରକାଗଜ ପରିବର୍ତ୍ତେ ସାମାଜିକ ଗଣମାଧ୍ୟମରେ ଖବର ପଢ଼ିବା, ଟ୍ରେଣ୍ଡିଂ ମିମ୍ ତିଆରି କରିବା ହେଉଛି

ସକାଳ THE SAKALA ସିନ୍ଦୂର
ରବିବାର
୨୧-୨୭ ସେପ୍ଟେମ୍ବର, ୨୦୨୫



ଜେନ୍ ଜେଡ୍‌ଙ୍କ ଜୀବନଶୈଳୀ। ସେହିପରି ଜେନ୍ ଜେଡ୍ କହିବାକୁ ଗଲେ ଇଣ୍ଟରନେଟ୍ ସହିତ ବଡ଼ ହୋଇଛନ୍ତି। ସେଥିପାଇଁ ସେମାନଙ୍କୁ 'ଡିଜିଟାଲ୍ ନେଟିଭ୍' କୁହାଯାଏ। ଜେନ୍ ଜେଡ୍‌ଙ୍କ ଆଣ୍ଟେସନ୍ କେବଳ ୮ ସେକେଣ୍ଡର। ସେହିପରି ୯୯ ପ୍ରତିଶତ ଜେନ୍ ଜେଡ୍‌ଙ୍କ ପାଖରେ ମୋବାଇଲ୍ ଅଛି। ୯୪ ପ୍ରତିଶତ ଲୋକ ସାମାଜିକ ଗଣମାଧ୍ୟମରେ ସମୟ ଅତିବାହିତ କରୁଥିବା ବେଳେ ୫୭ ପ୍ରତିଶତ ଏଆଇର ବ୍ୟବହାର କରିଥାନ୍ତି। କେବଳ ସେତିକି ନୁହେଁ, ୪୫ ପ୍ରତିଶତ ପ୍ରାୟ ଅଧା ଜେନ୍-ଜି ମାସିକ ଖର୍ଚ୍ଚ ବହୁ କଷ୍ଟେମଷ୍ଟେ ଚଳାଇ ଥାନ୍ତି। ଏହା ବ୍ୟତୀତ ୬୧ ପ୍ରତିଶତ ଜେନ୍ ଜି ଉଦ୍‌ବେଗକୁ ସାମ୍ନା କରୁଛନ୍ତି। ଏହି ପିଢ଼ି ଦରବୃଦ୍ଧି, ଋଣ, ଚାକିରି ଅନିଶ୍ଚିତତାକୁ ନେଇ ବଡ଼ ହେଉଛନ୍ତି। ୫୧ ପ୍ରତିଶତ ଜେନ୍ ଜେଡ୍ ବିଶ୍ୱାସ କରୁଛନ୍ତି ଉତ୍ତମ ସ୍ୱାସ୍ଥ୍ୟ ହିଁ ସବୁଠୁ ବଡ଼ ସଫଳତା। ଏହାପରେ ପରିବାର, ଟଙ୍କା ଏବଂ ଜୀବନସାଥୀ ସହିତ ସମ୍ପର୍କକୁ ସେମାନେ ସଫଳ ବୋଲି ମାନୁଛନ୍ତି।

## ସରକାରଙ୍କ ବିରୋଧରେ ଜେନ୍ ଜିଙ୍କ ସ୍ୱର ଉତ୍ତୋଳନ

ଜେନ୍-ଜେଡ୍ ଅନେକ ଦେଶର ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ତା'ସହ ତିନି ଦେଶର ସରକାର ପତନ କରିବାରେ ସେମାନଙ୍କର ପ୍ରମୁଖ ଭୂମିକା ରହିଛି। ଏହାର ସଦ୍ୟତମ ଉଦହାରଣ ହେଉଛି ନେପାଳ। ନେପାଳରେ ଜେନ୍ ଜେଡ୍‌ଙ୍କ ପ୍ରତିବାଦରେ ପ୍ରଧାନମନ୍ତ୍ରୀ କେ ପି ଶର୍ମା ଓଲି ଇସ୍ତଫା ଦେଲେ ଏବଂ ସରକାର ଭାଙ୍ଗିଲା। ସରକାର ଭାଙ୍ଗିବା ପରେ ଜେନ୍ ଜେଡ୍ ସୋସିଆଲ ପ୍ଲାଟଫର୍ମରେ ମତଦାନ କରି ନୂଆ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କୁ ମନୋନୀତ କଲେ। ସେହିପରି ୨୦୨୪ ମସିହାରେ ବାଂଲାଦେଶ ସରକାରର ପତନ ଘଟିବାରେ ଜେନ୍-ଜିର ଯୋଗଦାନ ଥିଲା। ବାଂଲାଦେଶରେ ହାଇକୋର୍ଟ ସରକାରୀ ଚାକିରିରେ ୩୦ ପ୍ରତିଶତ କୋଟା ପ୍ରଣାଳି ପୁଣି ଥରେ ଲାଗୁ କରିବା ଆଦେଶ ଦେବାରୁ ଜେନ୍ ଜେଡ୍ ଜୁଲାଇ କ୍ରାନ୍ତି ଆରମ୍ଭ କଲେ। ସେହିପରି ୨୦୨୨ ମସିହାରେ ଶ୍ରୀଲଙ୍କା ସରକାରର ପତନ ଘଟିଥିଲା। ଦୁଇ ଦଶକ ହେବ ରାଜପକ୍ସେ ପରିବାର ଶ୍ରୀଲଙ୍କା କ୍ଷମତା ଉପରେ ରାଜୁତି କଲା। ଏହି ସମୟମଧ୍ୟରେ ଭ୍ରଷ୍ଟାଚାର ଦେଖାଦେଲା। ଏହାଦ୍ୱାରା ସାଧାରଣ ଲୋକ, ଖାଦ୍ୟାଭାବ, ଦରବୃଦ୍ଧି ସମସ୍ୟା ଦେଇ ଗତି କଲେ। ମାର୍ଚ୍ଚରେ ଏହା ବିରୋଧରେ ପ୍ରଦର୍ଶନ ଆରମ୍ଭ ହେଲା। ଏଥିରେ ଜେନ୍ ଜେଡ୍ ସାମିଲ ହୋଇ ସାମାଜିକ ଗଣମାଧ୍ୟମରେ ବିରୋଧ ପ୍ରଦର୍ଶନ କରିଥିଲେ।

ଅନ୍ୟପଟେ ଜେନ୍ ଜେଡ୍ ୨୦୧୨ ମସିହାରେ ମିଆଁମାର ଆର୍ମି କ୍ରୁର ବିରୋଧ କରିଥିବା ବେଳେ ୨୦୨୦ ମସିହାରେ ଥାଇଲାଣ୍ଡରେ ଜେନ୍ ଜେଡ୍ ସ୍କୁଲ ଏବଂ ବିଶ୍ୱବିଦ୍ୟାଳୟରେ ରାଜତନ୍ତ୍ର ବିରୋଧରେ ପ୍ରଦର୍ଶନ କରିଥିଲେ। ୨୦୨୦ ମସିହାରେ ବେଲାରୁସ୍ ବିରୋଧରେ ସେମାନଙ୍କ ଭୂମିକା ରହିଛି। କେବଳ ସେତିକି ନୁହେଁ, ଭାରତରେ ସିଏଏ ବିରୋଧ ହେଉ ଅବା ହଂକଂ ଜମିକୁ ଚୀନ୍‌କୁ ଦେବା ଯୋଜନାରେ ଜେନ୍ ଜି ବିରୋଧରେ ସାମିଲ ଅଛନ୍ତି। ଏହାବାଦ୍ ଫ୍ରାନ୍ସରେ ବି ବ୍ଲକ୍ ଏଭ୍ରିଥିଂ ବିରୋଧ ଚାଲିଛି। ୨୦୨୬ ବଜେଟ୍ ବିରୋଧରେ ଲୋକଙ୍କୁ ସ୍କୁଲ, ଅଫିସ୍ ନ ଯିବାକୁ ଅପିଲ କରାଯାଉଛି।






## ଜେନ୍-ଜିଙ୍କ ପ୍ରମୁଖ ଅସ୍ତ୍ର ସାମାଜିକ ଗଣମାଧ୍ୟମ

ସୋସିଆଲ୍ ମିଡିଆ, ନ୍ୟୁଜ୍ ଆପ୍, ସର୍ଚ୍ଚ ଇଞ୍ଜିନ ମାଧ୍ୟମରେ ପ୍ରତ୍ୟେକ ବଡ଼ ଘଟଣା ଜେନ୍ ଜେଡ୍‌ଙ୍କ ପାଖରେ ପହଞ୍ଚି ଯାଉଛି। ସୋସିଆଲ୍ ମିଡିଆରୁ ହିଁ ସେମାନେ ନିଜ ବିଚାର, ବିରୋଧ ସହଜରେ ବ୍ୟକ୍ତ କରିପାରୁଛନ୍ତି ଏବଂ ସେମାନଙ୍କୁ ସମର୍ଥନ ମିଳୁଛି। କହିବାକୁ ଗଲେ ଗତ ୫ ବର୍ଷ ମଧ୍ୟରେ ଜେନ୍ ଜିଙ୍କ ଯେତିକି ବିରୋଧ ପ୍ରଦର୍ଶନ କରିଛନ୍ତି, ସେଥିରେ ଗୋଟିଏ କଥା ସାଧାରଣ ହେଉଛି ସାମାଜିକ ଗଣମାଧ୍ୟମ। ସେମାନଙ୍କ ବିରୋଧ ଅନ୍‌ଲାଇନ୍‌ରୁ ଆରମ୍ଭ ହୋଇ ରାଜରାସ୍ତାରେ ପହଞ୍ଚିଛି। ନେପାଳରେ 'ନେପୋ କିଡ୍ସ' ଶବ୍ଦ ଟ୍ରେଣ୍ଡ କରିଥିବା ବେଳେ ବାଂଲାଦେଶରେ ଛାତ୍ରମାନେ 'ଡିପି' ନାଲି କଲେ। ସେହିପରି ଥାଇଲାଣ୍ଡରେ 'ହାସ୍‌ଟ୍ୟାଗ୍ ଫ୍ରିୟୁଥ୍' ଟ୍ୟାଗ୍ ଗୋଟିଏ ଦିନରେ କୋଟିଏ ଟପିଲା। ମିଆଁମାର ପାଇଁ ୧୪ କୋଟି ଲୋକ 'ହ୍ୟାସ୍‌ଟ୍ୟାଗ୍ ସେଭ୍ ମିଆଁମାର'କୁ ବ୍ୟବହାର କଲେ।

## ଜୁମର୍ସ ଚାହାନ୍ତି ପରିବର୍ତ୍ତନ

ସର୍ଭିସ ନେଟ୍‌ୱର୍କ କମ୍ପାନି ଡେଲାଇଟ୍‌ର ଏକ ସର୍ଭେ ଅନୁସାରେ, ଜୁମର୍ସ ବା ଜେନ୍ ଜେଡ୍ ପଦୋନ୍ନତି ଶୀଘ୍ର ପାଇବା ବଦଳରେ ୱାର୍କ ଲାଇଫ୍ ବାଲାନ୍ସକୁ ଗୁରୁତ୍ୱ ଦେଉଛନ୍ତି। କେବଳ ୬ ପ୍ରତିଶତ ଜେନ୍-ଜି ନେତୃତ୍ୱ ନେବା ପଦରେ ପହଞ୍ଚିବାକୁ ଚାହୁଁଛନ୍ତି। ସର୍ଭେରେ ଏକଥା ବି ସାମ୍ନାକୁ ଆସିଛି ଯେ, ଅଧିକ ଦରମା ପାଇଁ ସେମାନେ ଚିନ୍ତିତ ନୁହନ୍ତି। ସେହିପରି କମ୍ ଦରମାରେ ମଜାଦାର କାମ ମିଳିଲେ କରିବାକୁ ସେମିତି ବେଶି ପସନ୍ଦ କରୁଛନ୍ତି। ତେଣୁ ବର୍ତ୍ତମାନ ସମୟରେ ଜେନ୍ -ଜେଡ୍ ପରିବର୍ତ୍ତନ ଚାହୁଁଛନ୍ତି। ସେମାନେ ଜଳବାୟୁ ପରିବର୍ତ୍ତନଠାରୁ ଆରମ୍ଭ କରି ଅସମାନତା ପର୍ଯ୍ୟନ୍ତ ଅନେକ ସମସ୍ୟାକୁ ଦେଖୁଛନ୍ତି। ତେଣୁ ସେମାନେ ଏମିତି ସଂସ୍ଥାରେ କାମ କରିବାକୁ ଚାହୁଁଛନ୍ତି, ଯାହାକି ଦୁନିଆ ପାଇଁ ଭଲ କାମ କରୁଥିବ।

## କେମିତି ଆଣିବେ ପରିବର୍ତ୍ତନ

ଡେଲାଇଟ୍ ସର୍ଭେ ଅନୁସାରେ, ୭୪ ପ୍ରତିଶତ ଜେନ୍ ଜେଡ୍ ଭାବୁଛନ୍ତି ଆଗାମି କିଛି ବର୍ଷ ମଧ୍ୟରେ ଜେନରେଟିଭ୍ ଏଆଇ ସେମାନଙ୍କ କାମ କରିବା ତରିକାକୁ ବଦଳାଇ ଦେବ। ଏଲାଗି ସେମାନେ ନିଜକୁ ପ୍ରସ୍ତୁତ କରିବା ଲାଗି ନିଜର କଳା କୌଶଳକୁ ବିକଶିତ କରୁଛନ୍ତି। ଏହାବାଦ୍ ଜେନ୍ ଜେଡ୍ ସ୍କୁଲ, କଲେଜ, ଚାକିରି, ବାହାଘର, ଘର କିଣିବା, ୬୫ବର୍ଷ ବୟସରେ ଅବସର ନେବାର ଏହି ଚିରାଚରିତ ଧାରାରେ ପରିବର୍ତ୍ତନ ଆଣିବାକୁ ଚାହୁଁଛନ୍ତି। ସେହିପରି ବୁଲାବୁଲିକୁ ଅଗ୍ରାଧିକାର ପ୍ରଦାନ କରୁନ୍ତି। ଅନ୍ୟପଟେ ୫୯ ପ୍ରତିଶତ ଜେନ୍-ଜେଡ୍ ନିଜ କ୍ୟାରିୟରରେ ୨ରୁ ୫ଟି କମ୍ପାନି ପାଇଁ କାମ କରିବାକୁ ପସନ୍ଦ କରୁଛନ୍ତି। ସେମାନଙ୍କ ପାଇଁ ପ୍ରଥମ ପ୍ରାଥମିକତା ହେଉଛି ପରିବାର ଓ ସ୍ୱାସ୍ଥ୍ୟ। ମାନସିକ ସ୍ୱାସ୍ଥ୍ୟ ଏବଂ ୱାର୍କ ଲାଇଫ ବାଲାନ୍ସକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ କିଛି କମ୍ପାନି ମାନସିକ ସ୍ୱାସ୍ଥ୍ୟ ଲାଗି କର୍ମଚାରୀଙ୍କୁ ଛୁଟି ଦେବା ଆରମ୍ଭ କରିଲାଣି। ୭୨ ପ୍ରତିଶତ ଜେନ୍ ଜେଡ୍ ବିଶ୍ୱରେ ପରିବର୍ତ୍ତନ ଆଣିବାକୁ ଚାହୁଁଛନ୍ତି।






## କ'ଣ ରହିଛି ଆହ୍ୱାନ

ଯେଉଁ ଟେକ୍ନୋଲୋଜି ଜେନ୍-ଜିକୁ ଖାସ୍ କରିଛି, ଏହା ଯୋଗୁଁ ସେମାନଙ୍କୁ ଅନେକ ଆହ୍ୱାନକୁ ମଧ୍ୟ ସାମ୍ନା କରିବାକୁ ପଡ଼ିଥାଏ। ୪୪ ପ୍ରତିଶତ ଜେନ୍ ଜେଡ୍ ଚାପଗ୍ରସ୍ତ ଅଛନ୍ତି। କରୋନା ପରେ ପ୍ରତି ତିନି ଜଣରେ ଜଣେ ଜେନ୍-ଜେଡ୍ ଅବସାଦ ଦେଇ ଗତି କରୁଛନ୍ତି। ନ୍ୟାସନାଲ୍ ଲାଇବ୍ରେରି ଅଫ୍ ମେଡିସିନ୍ ଅନୁସାରେ, ଦିନ ତମାମ ଟେକ୍ନୋଲୋଜି ସହିତ ଜଡ଼ିତ ରହିବା, ସ୍କ୍ରିନ ଟାଇମ୍ ବୃଦ୍ଧି ଏବଂ ପ୍ରତି ସମୟରେ ଅପଡେଟ୍ ରହିବାର ମନୋବୃତ୍ତି ହିଁ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ସେମାନେ ଡିଜିଟାଲ୍ କମ୍ୟୁନିକେସନ୍‌ରେ ଧୁରନ୍ଧର ଥିବା ବେଳେ ଲୋକଙ୍କ ସହିତ ସାମ୍ନାସାମ୍ନି କଥା ହେବାରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏଆଇର ବଢ଼ୁଥିବା ବ୍ୟବହାର ଯୋଗୁଁ ଆର୍ଥିକ ସ୍ଥିତିକୁ ପରିଚାଳନା କରିବା ମଧ୍ୟ ଜେନ୍ ଜେଡ୍ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ତେଣୁ ୫୦ ପ୍ରତିଶତ ଜେନ୍-ଜିଙ୍କ ପାଖରେ ପର୍ଯ୍ୟାପ୍ତ ଟଙ୍କା ନ ହେବା ଅନ୍ୟତମ ଚିନ୍ତାର ବିଷୟ।

## ବିପ୍ଳବୀ ଜେନ୍ ଜେଡ୍





ବର୍ତ୍ତମାନ ଯେଉଁ ଜେନ୍-ଜେଡ୍ ୧୩-୨୫ ବର୍ଷ ବୟସରେ ଅଧିକ କ୍ରାନ୍ତିକାରୀ ଚିନ୍ତାଧାରା ରଖୁଛନ୍ତି, ପୂର୍ବରୁ ନବେ ଦଶକରେ ବି କିଛି ବ୍ୟକ୍ତିବିଶେଷ ସେତେବେଳର ଜେନ୍ ଜେଡ୍ ଭାବେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଛନ୍ତି। ୧୯୧୭ ମସିହାରେ ରୁଷ କ୍ରାନ୍ତିର ନେତୃତ୍ୱ କରୁଥିବା ଭ୍ଲାଦିମିର ଲେନିନ ୨୨ ବର୍ଷ ବୟସରେ କ୍ରାନ୍ତିକାରୀ କାର୍ଯ୍ୟକଳାପରେ ସାମିଲ ହୋଇଥିଲେ। ସେହିପରି ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ଦୂର କରିବା ପାଇଁ ଅଭିଯାନ ଆରମ୍ଭ କରିଥିଲେ ନେଲସନ୍ ମଣ୍ଡେଲା। ୨୪ ବର୍ଷ ବୟସରେ ସେ ଆଫ୍ରିକୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ଏହାବାଦ୍ ୧୯୫୦ ମସିହାରେ ହୋଇଥିବା କ୍ୟୁବା କ୍ରାନ୍ତିର ପ୍ରମୁଖ ନେତା ଚେ ଗୁଏଭରା ମୋଟରସାଇକେଲରେ ଲାଟିନ ଆମେରିକାର ଗାଁ ଭ୍ରମଣ କରିଥିଲେ। ମାତ୍ର ୨୨ବର୍ଷ ବୟସରେ କ୍ରାନ୍ତି ରାସ୍ତାରେ ଅଗ୍ରସର ହୋଇଥିଲେ। ଅନ୍ୟପଟେ ଭାରତରେ ଭଗତ ସିଂହ ମଧ୍ୟ ୧୭-୧୮ ବର୍ଷ ବୟସରେ ଇଂରେଜଙ୍କ ବିରୋଧରେ ବିପ୍ଳବ ଆରମ୍ଭ କରିଥିଲେ। ୨୨ ବର୍ଷ ବୟସରେ ଭଗତ ସିଂହ, ସୁଖଦେବ ଏବଂ ରାଜଗୁରୁଙ୍କୁ ଫାଶୀ ଖୁଣ୍ଟରେ ଚଢ଼ା ଯାଇଥିଲା। ବର୍ତ୍ତମାନ ସାରା ବିଶ୍ୱରେ ଜେନ୍-ଜେଡ୍‌କୁ ନେଇ ସରଗରମ ଆଲୋଚନା ହେଉଛି। ତେବେ ଆଗାମୀ ଦିନରେ କ'ଣ ରହିବ ଜେନ୍-ଜେଡ୍‌ର ଭୂମିକା ତା' ଉପରେ ଏବେ ସମସ୍ତଙ୍କ ନଜର।

ବିଶ୍ୱ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ନିମିଷକ ମଧ୍ୟରେ ସ୍ଥିତି ବଦଳି ଯାଉଛି। ଯୁଦ୍ଧ, ବିକ୍ଷୋଭ, ବିଦ୍ରୋହ, ବାଣିଜ୍ୟ ଯୁଦ୍ଧ, କର୍ତ୍ତୃତ୍ୱ ଜାହିର କରିବା ପାଇଁ ଭୂ-ରାଜନୈତିକ ସ୍ଥିତି ରାତାରାତି ବଦଳି ଯାଉଛି। କେଉଁଠି ବିଦେଶୀ ଶକ୍ତି ଲାଗି ସରକାର ଭୁଶୁଡୁଛି ତ ଆଉ କେଉଁଠି ବିଦ୍ରୋହ ଯୋଗୁଁ ପ୍ରଧାନମନ୍ତ୍ରୀ ଦେଶ ଛାଡ଼ି ଅନ୍ୟ ରାଷ୍ଟ୍ରରେ ଶରଣ ନେଉଛନ୍ତି। ବିଶ୍ୱରେ ଦୁଇ ଦୁଇଟି ଯୁଦ୍ଧ ଲାଗିଥିବାବେଳେ ବିଦ୍ରୋହ ଯୋଗୁଁ ଚାରି ଚାରିଟା ରାଷ୍ଟ୍ରର ସରକାର ବଦଳି ଗଲାଣି। ଏହି ଦେଶ ମଧ୍ୟରେ ସିରିଆ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ନେପାଳ ରହିଛି। ଭାରତର ପଡ଼ୋଶୀ ରାଷ୍ଟ୍ରରେ ସର୍ବାଧିକ ଅସ୍ଥିରତା ଲାଗି ରହିଛି। ଗତ କିଛି ବର୍ଷ ମଧ୍ୟରେ ଭାରତର ଚାରୋଟି ପଡ଼ୋଶୀ ରାଷ୍ଟ୍ରରେ ବିଦ୍ରୋହ ଯୋଗୁଁ ସରକାର ବଦଳି ଯାଇଛି। ସୀମାରେ ଉତ୍ତେଜନା ମଧ୍ୟ ବୃଦ୍ଧି ପାଇଛି। ଏହି ସବୁ ଦେଶର ସୀମା ଭାରତକୁ ଲାଗିଛି। କୌଣସି ଅପ୍ରୀତିକର ସ୍ଥିତିକୁ ଏଡ଼ାଇବା ପାଇଁ ଭାରତ ସରକାର ସଜାଗ ରହିଥିଲେ ମଧ୍ୟ ଆଖି ଆଗରେ ଶ୍ରୀଲଙ୍କା, ବାଂଲାଦେଶ ଏବଂ ନେପାଳର ସରକାର ରାତାରାତି ବଦଳି ଯାଇଛି। ଭାରତ ସରକାର ଖାଲି ଜଳକା ପରି ଚାହିଁ ରହିଛନ୍ତି। ବନ୍ଧୁ ରାଷ୍ଟ୍ରରେ ଅସ୍ଥିରତା ସତ୍ତ୍ୱେ ହାତ ବାନ୍ଧି ବସି ରହିବା ପରିବର୍ତ୍ତେ ଭାରତ ସରକାରଙ୍କ ପାଖରେ ଆଉ କୌଣସି ବାଟ ମଧ୍ୟ ନାହିଁ। ପଡ଼ୋଶୀ ରାଷ୍ଟ୍ର ମ୍ୟାମାରରେ ମଧ୍ୟ ଅସ୍ଥିରତା ଲାଗି ରହିଛି। ଲୋକେ ସାମରିକ ଶାସନ ବିରୋଧରେ ବିଦ୍ରୋହ କରୁଛନ୍ତି। ଦେଖିବାକୁ ଗଲେ ଗତ କିଛି ବର୍ଷ ପଡ଼ୋଶୀ ରାଷ୍ଟ୍ରରେ ହୋଇଥିବା ବିଦ୍ରୋହ ତଥା ସଂଘର୍ଷ ଯୋଗୁଁ ଭାରତ ହିଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି।

ପଡ଼ୋଶୀ ରାଷ୍ଟ୍ରରେ ହୋଇଥିବା ଏହି ବିଦ୍ରୋହ ପଛରେ ଦରଦାମ ବୃଦ୍ଧି, ଦୁର୍ନୀତି ପ୍ରମୁଖ ପ୍ରସଙ୍ଗ ରହିଛି। ଆଉ ଏହି ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି ଯୁବ ବର୍ଗ। ଶ୍ରୀଲଙ୍କାରୁ ଆରମ୍ଭ ହୋଇଥିବା ଏହି ବିକ୍ଷୋଭ କ୍ରମେ ଅନ୍ୟ ପଡୋଶୀ ରାଷ୍ଟ୍ରକୁ ବ୍ୟାପିବାରେ ଲାଗିଥିଲା। ଦୁର୍ନୀତି ବିରୋଧ ବିକ୍ଷୋଭ ପ୍ରଦର୍ଶନ ଯୋଗୁଁ ଶ୍ରୀଲଙ୍କା ରାଷ୍ଟ୍ରପତି ନିଜ ପରିବାର ସହ ରାତାରାତି ଦେଶ ଛାଡ଼ି ପଳାଇ ଥିଲେ। ବାଂଲାଦେଶରେ ମଧ୍ୟ ସମାନ ସ୍ଥିତି ହୋଇଥିଲା। ଦୁର୍ନୀତି ଏବଂ ନିର୍ବାଚନରେ ଜାଲିଆତି ଅଭିଯୋଗରେ ଶେଖ ହାସିନା ସରକାରଙ୍କ ବିରୋଧରେ ନିଆଁ ଜଳିଥିଲା। ବିକ୍ଷୋଭ ପ୍ରଦର୍ଶନରେ ଛାତ୍ରନେତାଙ୍କ ମୃତ୍ୟୁ ହେବା ପରେ ଏହି ନିଆଁ ଉଗ୍ର ହୋଇ ହାସିନା ସରକାରକୁ ଭୁଶୁଡ଼ାଇ ଥମି ଥିଲା। ବିକ୍ଷୋଭ ଯୋଗୁଁ ଶେଖ୍ ହାସିନାଙ୍କୁ ଦେଶ ଛାଡ଼ି ଭାରତରେ ଶରଣ ନେବାକୁ ପଡ଼ିଥିଲା। ସେ ରାତାରାତି ସେନା ହେଲିକପ୍ଟରରେ ଘର ଛାଡ଼ି ପଳାଇ ଆସିଥିଲେ। ଶେଷରେ ନୂଆ ସରକାର ଗଠନ ହୋଇଥିଲା। ଆଉ ଏହି ସରକାର ଭାରତ ବିରୋଧରେ ବିଷ ଓଗାଳି ବଇରୀ ପାକିସ୍ତାନ ସହ ବନ୍ଧୁ ବାନ୍ଧି ଥିଲେ।



# ଯୁବ ମେଳିରେ ସରକାର ବଳି

ସରୋଜ କୁମାର ଓତା

## ନେପାଳ ହିଂସାର କାରଣ

ସାମାଜିକ ଗଣମାଧ୍ୟମ ଉପରେ କଟକଣାକୁ ବିରୋଧ କରି ନେପାଳ ଯୁବଗୋଷ୍ଠୀ ରାସ୍ତାକୁ ଓହ୍ଲାଇ ଥିଲା। ଏହି ଯୁବଗୋଷ୍ଠୀ ଜେନ୍-ଜେଡ୍ କୁହାଯାଉଥିଲା। ଦେଖୁ ଦେଖୁ ଏହି ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଥିଲା। ସରକାରଙ୍କ ନିଷ୍ପତ୍ତି ଏବଂ ଦୁର୍ନୀତିକୁ ବିରୋଧ କରି ଆନ୍ଦୋଳନକାରୀ ସଂସଦ ଭବନରେ ଧସେଇ ପଶିଥିଲେ। ଏହି ସମୟରେ ସୁରକ୍ଷାବାହିନୀ ଗୁଳିରେ ୨୦ରୁ ଅଧିକ ଛାତ୍ରଛାତ୍ରୀ ପ୍ରାଣ ହରାଇଥିଲେ। ଏହି ଆନ୍ଦୋଳନରେ ୭୫ ଜଣଙ୍କ ଜୀବନ ଯାଇଥିଲା। ଶତାଧିକ ଆହତ ହୋଇଥିଲେ। ସରକାର ସାମାଜିକ ଗଣମାଧ୍ୟମରୁ କଟକଣା ହଟାଇବା ସତ୍ତ୍ୱେ ଏହି ଆନ୍ଦୋଳନ ବନ୍ଦ ହୋଇ ନ ଥିଲା। ପ୍ରଧାନମନ୍ତ୍ରୀଙ୍କ ସମେତ ଜଣଙ୍କ ପରେ ଜଣେ ମନ୍ତ୍ରୀ ଇସ୍ତଫା ଦେବା ପରେ ସରକାର ଭୁଶୁଡ଼ି ଥିଲା। ଆନ୍ଦୋଳନକାରୀ ନୂଆ ପ୍ରଧାନମନ୍ତ୍ରୀ ଚୟନ ପରେ ବିକ୍ଷୋଭ ଥମିଥିଲା।

ଦେଶରେ ପଞ୍ଜିକରଣ ନ କରିବାରୁ ସାମାଜିକ ଗଣମାଧ୍ୟମ ଉପରେ କଟକଣା ଲଗା ଯାଇଥିଲା ବୋଲି ସରକାର କହୁଛନ୍ତି। କିନ୍ତୁ ଏହା ପଛରେ ବଡ଼ କାରଣ ଲୁଚି ରହିଥିଲା। ନେପାଳର ଜେନ୍ ଜେଡ୍ ଗୋଷ୍ଠୀ ସାମାଜିକ ଗଣମାଧ୍ୟମରେ ନେପାଳର ଦୁର୍ନୀତିଗ୍ରସ୍ତ ରାଜନେତା, ସେମାନଙ୍କ ପରିବାର ସଦସ୍ୟ ଏବଂ ପିଲାମାନଙ୍କ ଅୟସ ଜୀବନ ଯାପନକୁ ନେଇ ଆନ୍ଦୋଳନ ଆରମ୍ଭ କରିଥିଲେ। ନେପୋ କିଡ୍ ଟ୍ରେଣ୍ଡରେ ଚାଲିଥିଲା। ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ ଯୁବଗୋଷ୍ଠୀ ଏହାର ନେତୃତ୍ୱ ନେଉଥିଲେ। ରାଜନେତାଙ୍କ ପିଲାଛୁଆଙ୍କ ଫଟୋ ପୋଷ୍ଟ କରି ନିଜ ସହ ତୁଳନା କରିଥିଲେ। ଦରଦାମ ବୃଦ୍ଧି ଯୋଗୁଁ ଲୋକେ କଷ୍ଟରେ ଚଳୁଥିବାବେଳେ ରାଜନେତାଙ୍କ ସନ୍ତାନସନ୍ତତି ବିଦେଶରେ ଅୟସ କରୁଥିବା ଦେଖାଇ ଥିଲେ। ଏହାକୁ ନେଇ ବେକାରି, ଦରଦାମ ବୃଦ୍ଧି ଏବଂ ଦୁର୍ନୀତି ପ୍ରସଙ୍ଗ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାକୁ ଖୋରାକ ଯୋଗାଇ ଥିଲା। ରାଜନେତାଙ୍କ ପ୍ରିୟାପ୍ରୀତି, ସମ୍ପର୍କୀୟଙ୍କୁ ସରକାରୀ ପଦାସୀନ କରିବା, ରାଜନେତାଙ୍କ ପିଲାଛୁଆଙ୍କ ବିଦେଶ ଯାତ୍ରା, ବିଳାସପୂର୍ଣ୍ଣ ଜୀବନଯାପନ, ବଡ଼ ବଡ଼ ପାର୍ଟିରେ ଯୋଗଦାନ ଏବଂ ବ୍ରାଣ୍ଡେଡ ସାମଗ୍ରୀ ବ୍ୟବହାର ଆଦି ବିଷୟରେ ଚର୍ଚ୍ଚା



### ନେପାଳ ଆନ୍ଦୋଳନର ସୂତ୍ରପାତ

ନେପାଳ ଘଟଣାକ୍ରମ ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା। ସାମାଜିକ ଗଣମାଧ୍ୟମ ବନ୍ଦ ନିଷ୍ପତ୍ତିକୁ ବିରୋଧ କରି ଆରମ୍ଭ ହୋଇଥିବା ଜେନ୍-ଜେଡ୍ ଆନ୍ଦୋଳନ ଦୁର୍ନୀତିକୁ ପ୍ରସଙ୍ଗ କରି ସମ୍ପୂର୍ଣ୍ଣ ସରକାରକୁ ମୁଳୋତ୍ପାଟନ କରିଥିଲା। ଯୁବ ଆନ୍ଦୋଳନକାରୀଙ୍କୁ ଗୁଳି ମାରି ହତ୍ୟା କରିବା ଘଟଣା ସ୍ଥିତି ବଦଳାଇ ଦେଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ମନ୍ତ୍ରୀଙ୍କୁ ଦେଖିବା ମାତ୍ରେ ଆକ୍ରମଣ କରାଯାଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀମାନଙ୍କୁ ମଧ୍ୟ ଛଡ଼ା ଯାଇ ନ ଥିଲା। ସରକାରୀ ଦଳର ନେତାମନ୍ତ୍ରୀଙ୍କୁ ଆକ୍ରମଣ କରି ଲହୁଲୁହାଣ କରାଯାଇଥିଲା। ସ୍ଥିତି ଏପରି ହୋଇଥିଲା ଯେ ପ୍ରଧାନମନ୍ତ୍ରୀ ଓଲିଙ୍କୁ ପଦରୁ ଇସ୍ତଫା ଦେଇ ଲୁଚିବାକୁ ପଡ଼ିଥିଲା। ଏହି ଅପ୍ରତ୍ୟାଶିତ ଆନ୍ଦୋଳନରେ ତୃତୀୟ ଦିନରେ ବ୍ରେକ୍ ଲାଗିଥିଲା। ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତି ହେବା ସହିତ ଏହା ଥମି ଥିଲା। ନେପାଳରେ ଏହି ଅସ୍ଥିରତା ପାଇଁ ଆମେରିକା ଏବଂ ଚୀନ୍‌ର କର୍ତ୍ତୃତ୍ୱ ଲଢ଼େଇକୁ ଦୋଷ ଦିଆଯାଉଛି। ଦୁଇ ଦେଶ ପାଇଁ ନେପାଳ ଖେଳ ପଡ଼ିଆ ଥିଲା ବୋଲି କୁହାଯାଉଛି। ଓଲିଙ୍କ ଚୀନ୍ ପ୍ରୀତି ପାଇଁ ଆମେରିକା ଏଭଳି ଅସ୍ଥିରତା ସୃଷ୍ଟି କରିଥିବା ଚର୍ଚ୍ଚା ହେଉଛି। ସେ ଯାହା ହେଲେ ବି ମାତ୍ର ଦୁଇ ଦିନ ମଧ୍ୟରେ ନେପାଳରେ ଯାହା କିଛି ଘଟିଲା, ତାହା ବିଶ୍ୱକୁ ବିଶେଷ କରି ଭାରତକୁ ଚମକାଇ ଦେଇଥିଲା। ଆଉ ଏହି ଘଟଣାକ୍ରମକୁ ନେଇ ପ୍ରାୟ ବର୍ଷ ତଳେ ଭବିଷ୍ୟବାଣୀ କରିଥିବା ଭାରତର ରିସର୍ଚ୍ଚ ଆଣ୍ଡ ଆନାଲିସିସ ୱିଙ୍ଗ (ର)ର ପୂର୍ବତନ ସଦସ୍ୟ ଲକି ବିଷ୍ଟ ଏବେ ଚର୍ଚ୍ଚାରେ ଅଛନ୍ତି। ତାଙ୍କର ଏହି କ୍ଲିପ୍ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି। ସେ ଏକ ସାକ୍ଷାତକାରରେ ଖୁବଶୀଘ୍ର ନେପାଳରେ ବିଦ୍ରୋହ ହୋଇ ସରକାର ବଦଳିବ ବୋଲି କହିଥିଲେ। ଏହା କେମିତି ସତ ହେଲା ତାହାକୁ ନେଇ ନାନା ଆକଳନ କରୁଛନ୍ତି।






ହେଉଥିଲା । ଏହା ପ୍ରଭାବରେ 'ନେପୋ ବେବି' ଟ୍ରେଣ୍ଡରେ ଚାଲିଥିଲା । ଏହାକୁ ଦମନ କରିବା ପାଇଁ ଦେଶରେ ସାମାଜିକ ଗଣମାଧ୍ୟମର ପଞ୍ଜୀକରଣ ବାଧ୍ୟତାମୂଳକ କରିଦେଇଥିଲେ । ପଞ୍ଜୀକରଣ ନ କରିବାର କାରଣ ଦର୍ଶାଇ ସାମାଜିକ ଗଣମାଧ୍ୟମ ସାଇଟ୍‌ଗୁଡ଼ିକକୁ ବନ୍ଦ କରିଦେଇଥିଲେ । ଯୁବ ଗୋଷ୍ଠୀ ଏହାକୁ ମତ ପ୍ରକାଶର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବା ଭାବିଥିଲେ । ଏହି ନିଷ୍ପତ୍ତି ଯୋଗୁଁ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ । ନେପାଳରେ ପ୍ରାୟ ୫୫ ପ୍ରତିଶତ ତଥା ୧.୬ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ ଇଣ୍ଟରନେଟ୍ ସୁବିଧା ରହିଛି । ୫୦ ପ୍ରତିଶତ ଲୋକ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଅଛନ୍ତି । ବିଶେଷ କରି ସରକାର ଯୁବଗୋଷ୍ଠୀଙ୍କୁ ଅଟକାଇବା ପାଇଁ ଏଭଳି ନିଷ୍ପତ୍ତି ନେଇଥିଲେ । ମାତ୍ର ଏହି ନିଷ୍ପତ୍ତି ସରକାରଙ୍କ ପାଇଁ ଭାରି ପଡ଼ି ଯାଇଥିଲା । ସାମାଜିକ ଗଣମାଧ୍ୟମରେ ଆରମ୍ଭ ହୋଇଥିବା ଆନ୍ଦୋଳନ ରାଜରାସ୍ତାକୁ ଓହ୍ଲାଇ ଥିଲା । ପରେ ସ୍ଥିତି କ'ଣ ହେଲା ଏବେ ସାରା ବିଶ୍ୱ ଦେଖୁଛି ।

# ଆନ୍ଦୋଳନ ପଛରେ ସୁଦାନ ଗୁରୁଙ୍ଗ

ନେପାଳର ବିକ୍ଷୋଭ ପଛରେ ୩୬ ବର୍ଷୀୟ ସୁଦାନ ଗୁରୁଙ୍ଗଙ୍କ ହାତ ରହିଛି । ଏକ ଏନ୍‌ଜିଓ 'ହାମି ନେପାଳ'ର ଅଧ୍ୟକ୍ଷ ଗୁରୁଙ୍ଗ ନିଜେ ମଧ୍ୟ ଏହା ସ୍ୱୀକାର କରିଛନ୍ତି । ସେ ଗତ ୮ ତାରିଖରେ ଏହି ଆନ୍ଦୋଳନର ଆହ୍ୱାନ ଦେଇଥିଲେ । ତାଙ୍କ ସଂଗଠନ ହିଁ ସରକାର ବିରୋଧୀ ରାଲି ଆୟୋଜନ କରିବାକୁ ନିବେଦନ




କରିଥିଲା । ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ପୋଷାକ ପିନ୍ଧିବା ଏବଂ ପୁସ୍ତକ ଧରି ଆନ୍ଦୋଳନରେ ସାମିଲ ହେବାକୁ କହିଥିଲା । ଏହି ଗୋଷ୍ଠୀ ପ୍ରଦର୍ଶନକୁ ଶାନ୍ତିପୂର୍ଣ୍ଣ ପ୍ରତିରୋଧର ପ୍ରତୀକ ଭାବେ ପରିଣତ କରିଥିଲା । ବ୍ଲାକ୍ ଆଉଟ୍ ପୂର୍ବରୁ ସାମାଜିକ ଗଣମାଧ୍ୟମ ଜରିଆରେ ଏହି ଗୋଷ୍ଠୀ ବିକ୍ଷୋଭକାରୀଙ୍କୁ ସୁରକ୍ଷା ମାନକ ଏବଂ ବିକ୍ଷୋଭର ସ୍ଥଳ ବିଷୟରେ ସୂଚନା ଦେଉଥିଲା ।

ଗୁରୁଙ୍ଗ ଏହି ସଂଗଠନ ୨୦୧୫ର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ଏବଂ ରିଲିଫ୍ ସାମଗ୍ରୀ ଯୋଗାଇବା ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲା । ଭୂକମ୍ପ ଏବଂ ବନ୍ୟା ଭଳି ସ୍ଥିତିରେ ଲୋକଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା ମଧ୍ୟ କରୁଥିଲା । ଏହି ସଂଗଠନ ନେପାଳ ନାଗରିକ ଏବଂ ଛାତ୍ରଛାତ୍ରୀଙ୍କ ପ୍ରସଙ୍ଗ ମଧ୍ୟ ଉଠାଉ ଥିଲା । ଏହି ସଂଗଠନ ପୂର୍ବରୁ ରାଜନୈତିକ ବିବାଦରୁ ନିଜକୁ ଦୂରେଇ ରଖୁଥିଲା । ଏହାର ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ମାନବିକ କାର୍ଯ୍ୟକଳାପ ସମ୍ବନ୍ଧରେ ସୂଚନା ଦିଆଯାଉଥିଲା । ଏଭଳି ସ୍ଥିତିରେ ନେପାଳରେ ବିକ୍ଷୋଭ ପ୍ରଦର୍ଶନ ଆହ୍ୱାନ ଗୁରୁଙ୍କ ଆଭିମୁଖ୍ୟରେ ଆସିଥିବା ବଡ଼ ପରିବର୍ତ୍ତନକୁ ଦର୍ଶାଉଛି । ସେ ପ୍ରଥମେ ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି ପ୍ରସଙ୍ଗ ଉଠାଇ ଚର୍ଚ୍ଚାକୁ ଆସିଥିଲେ । ଯୋଗ୍ୟ ପ୍ରାର୍ଥୀଙ୍କୁ ଅଣଦେଖା କରି ଟଙ୍କା ନେଇ ରାଜନୈତିକ ଚାପରେ ନିଯୁକ୍ତି ଦିଆଯାଉଛି ବୋଲି ସେ ଅଭିଯୋଗ କରିଥିଲେ । ଏହା ପରେ ତାଙ୍କ ଉପରେ ପ୍ରାଣାନ୍ତକ ଆକ୍ରମଣ ହୋଇଥିଲା । ଆଉ ସରକାରଙ୍କ ସାମାଜିକ ଗଣମାଧ୍ୟମକୁ ବନ୍ଦ କରିବାରୁ ନିଷ୍ପତ୍ତି ତାଙ୍କୁ ଏକ ମଞ୍ଚ ପ୍ରଦାନ କରିଥିଲା । ଏହା ମାଧ୍ୟମରେ ସେ ଯୁବଗୋଷ୍ଠୀଙ୍କୁ ଏକତ୍ର କରି ଦୁର୍ନୀତିଗ୍ରସ୍ତ ସରକାରକୁ ଭୁଶୁଡ଼ାଇ ଦେଇଥିଲେ ।

କାମଚଳା ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ସୁଶୀଳା କାର୍କିଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିବା ଗୁରୁଙ୍ଗ ଏବେ ତାଙ୍କ ବିରୋଧରେ ବାହାରିଛନ୍ତି । ତାଙ୍କ ବାସଭବନ ବାହାରେ ବିକ୍ଷୋଭ କରିଛନ୍ତି । ଜେନ୍-ଜେଡ୍ ଗୋଷ୍ଠୀକୁ ନ ଜଣାଇ ସୁଶୀଳା ମନଇଚ୍ଛା ନିଷ୍ପତ୍ତି ନେଉଥିବା ସେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ତାଙ୍କ ନେତୃତ୍ୱରେ ଗତ ରବିବାର ରାତିରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସେ ଧମକ ଦେଇ କହିଥିଲେ ଯେ, ପୁଣିଥରେ ରାସ୍ତାକୁ ଓହ୍ଲାଇଲେ କେହି ଆମକୁ ଅଟକାଇ ପାରିବେ ନାହିଁ । ଯେଉଁ ଆସନରେ ବସାଇଛୁ ସେଥିରୁ ବାହାର କରି ଫୋପାଡ଼ି ଦେବାକୁ ସମୟ ଲାଗିବ ନାହିଁ ।







## ରାଜନୈତିକ ସଙ୍କଟ

ନେପାଳ ରାଜନୀତି ପୁଣିଥରେ ଅସ୍ଥିରତା ଦେଇ ଗତି କରୁଛି। ସୁଶୀଳା କାର୍କିଙ୍କୁ କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତ ଏବଂ ସଂସଦ ଭଙ୍ଗ ହେବା ପରେ ରାଜନୈତିକ ଦଳ ମଧ୍ୟରେ ଅସନ୍ତୋଷର ବହ୍ନି ଜଳୁଛି। ବଡ଼ ବଡ଼ ଦଳର ବରିଷ୍ଠ ନେତାଙ୍କୁ ନିଜ ଦଳରେ ହିଁ ବିରୋଧ କରାଯାଉଛି। ଇସ୍ତଫାର ଚାପ ବଢ଼ିବାରେ ଲାଗିଛି। ନେପାଳୀ କଂଗ୍ରେସ, ସିପିଏନ୍-ୟୁଏମ୍ଏଲ୍ ଏବଂ ମାଓବାଦୀ କେନ୍ଦ୍ର ସହିତ ୮ ପ୍ରମୁଖ ଦଳ ସମ୍ବିଧାନ ଭଙ୍ଗ କରିବାକୁ ଅସାମ୍ବିଧାନିକ କହିଛନ୍ତି। ସେର ବାହାଦୂର ଦେଓବାଙ୍କ ନେପାଳୀ କଂଗ୍ରେସ, କେପି ଶର୍ମା ଓଲିଙ୍କ ସିପିଏନ୍-ୟୁଏମ୍ଏଲ୍ ଏବଂ ପୁଷ୍ପ କମଲ ଦହଲ ପ୍ରଚଣ୍ଡଙ୍କ ସିପିଏନ୍ (ମାଓବାଦୀ କୈନ୍ଦ୍ରିକ) ର ଯୁବ ନେତାମାନେ ଇସ୍ତଫା ପାଇଁ ଶୀର୍ଷ ନେତାଙ୍କ ଉପରେ ଚାପ ପକାଉଛନ୍ତି। ଏଭଳି ସ୍ଥିତିରେ ରାଜନୈତିକ ସଙ୍କଟ ଥମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ି ଚାଲିବ ବୋଲି କୁହାଯାଉଛି। ୬ ମାସ ମଧ୍ୟରେ ନିର୍ବାଚନ କରାଇ ପଦ ଛାଡ଼ିବାକୁ ଘୋଷଣା କରିଥିବା କାମଚଳା ପ୍ରଧାନମନ୍ତ୍ରୀ ଆଗାମୀ ଦିନରେ କି ପଦକ୍ଷେପ ନେବେ ତାହା ଦେଖିବା ବାକି ରହିଲା।




## ଛାମୁଆ ଯୁଦ୍ଧର ନୂଆ କ୍ଷେତ୍ର ନେପାଳ

ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ ପରେ ନେପାଳରେ ସମାନ ରଣନୀତି ଅବଲମ୍ବନ କରି ବିକ୍ଷୋଭ ଆଳରେ ସରକାର ଭୁଶୁଡ଼ାଇ ଦିଆଯାଇଛି। ସାମାଜିକ ଗଣମାଧ୍ୟମ ନିଷିଦ୍ଧ ନିଷ୍ପତ୍ତି ନେପାଳ ସରକାରଙ୍କ ପାଇଁ କାଳ ପାଲଟି ଯାଇଛି। ଏହି ନିଆଁର ଆଁରେ ସରକାର ନିଜେ ଛାରଖାର ହୋଇଯାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଚାଲିଥିବା ଆନ୍ଦୋଳନ ବନ୍ଦ ପାଇଁ ସରକାର ନେଇଥିବା ଏହି ନିଷ୍ପତ୍ତି ଯୋଗୁଁ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ମନ୍ତ୍ରିମଣ୍ଡଳକୁ ଇସ୍ତଫା ଦେଇ ଲୁଚିବାକୁ ପଡୁଛି। ଏହା ପଛରେ ବିଦେଶୀ ରାଷ୍ଟ୍ରର ହାତ ଥିବା କୁହାଯାଉଛି। ଆମେରିକା ଏବଂ ଚୀନ୍ ମଧ୍ୟରେ ଚାଲିଥିବା ଛାମୁଆ ଯୁଦ୍ଧ ପାଇଁ ନେପାଳ ବଳି ପଡ଼ିଲା ବୋଲି ବିଶେଷଜ୍ଞ କହୁଛନ୍ତି।

ନେପାଳର ଏହି ଉଗ୍ର ବିକ୍ଷୋଭ ପଛରେ ଆମେରିକା ଥିବା କୁହାଯାଉଛି। ଏହି ଦେଶର ଇଙ୍ଗିତରେ ବିକ୍ଷୋଭକାରୀ ସରକାରକୁ ଭୁଶୁଡ଼ାଇ ଦେଇଥିଲେ। ଆନ୍ଦୋଳନକାରୀ ନେତା, ମନ୍ତ୍ରୀଙ୍କ ବାସଭବନ ସମେତ କାଠମାଣ୍ଡୁରେ ହିଲ୍‌ଟନ୍ ହୋଟେଲରେ ନିଆଁ ଲଗାଇ ଦେଇଥିଲେ। ବାଂଲାଦେଶ ଏବଂ ଶ୍ରୀଲଙ୍କା ଭଳି ଏଠାରେ ମଧ୍ୟ କ୍ଷମତାସୀନ ଦଳର ନେତା, ମନ୍ତ୍ରୀଙ୍କୁ ଦେଖିବା ମାତ୍ରେ ଆକ୍ରମଣ କରୁଛନ୍ତି। ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ମଧ୍ୟ ବିକ୍ଷୋଭକାରୀ ଛାଡ଼ି ନାହାନ୍ତି। ଘରେ ପଶି ବିଭିନ୍ନ ସାମଗ୍ରୀ ନେଇ ଲୁଟପାଟ୍ କରି ତାଙ୍କୁ ଜାଳି ମାରି ଦେଇଛନ୍ତି।

୨୦୦୮ ମସିହାରୁ ନେପାଳ ଗଣତାନ୍ତ୍ରିକ ରାଷ୍ଟ୍ର ହେବା ପରଠାରୁ ଦେଶର କ୍ଷମତା ଚୀନ୍ ସମର୍ଥକ ଓଲି, ମାଓ କୈନ୍ଦ୍ରିକ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ଏବଂ ସେର ବାହାଦୂର ଦେଓବାଙ୍କ ମଧ୍ୟରେ କ୍ଷମତା ଅଦଳବଦଳ ହୋଇ ଚାଲିଥିଲା। ଏହି ତିନି ଜଣଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲାଗିଛି। ଏହାକୁ ନେଇ ନେପାଳ ଯୁବଗୋଷ୍ଠୀ ଉତ୍କ୍ଷିପ୍ତ ହୋଇ ଉଠିଥିଲେ। ଅର୍ଥନୈତିକ ସ୍ଥିତି ଦୁର୍ବଳ ହେବା, ବେକାରି ହାର ବଢ଼ିବା ଆଦି ସମସ୍ୟା ଆନ୍ଦୋଳନକୁ ତୀବ୍ର କରିଥିଲା। ୨୦୨୪ ମସିହା ଜୁଲାଇରୁ ଓଲି ପ୍ରଧାନମନ୍ତ୍ରୀ ହେବା ପରେ ସେ ଚୀନ୍ ସହ ସମ୍ବନ୍ଧ ମଜଭୁତ କରିବାକୁ ଲାଗିଥିଲେ। ଚୀନ୍ ପାଇଁ ପାରମ୍ପରିକ ସହଯୋଗୀ ଭାରତକୁ ମଧ୍ୟ ସେ ଅଣଦେଖା କରି ଚାଲିଥିଲେ। ନେପାଳ ମଧ୍ୟ ଚୀନ୍‌ର ବିଆରଆଇ ପ୍ରକଳ୍ପରେ ସାମିଲ ହେବାକୁ ରାଜି ହୋଇଥିଲା। ଓଲିଙ୍କ ଗସ୍ତରେ ଏ ନେଇ ଚୁକ୍ତି ହୋଇଥିଲା। ତେବେ ଦକ୍ଷିଣ ଏସିଆରେ କ୍ଷମତା ବିସ୍ତାର କରିବାକୁ ଚାହୁଁଥିବା ଆମେରିକା ପାଇଁ ଏହା ଅସହ୍ୟ ହୋଇ ଉଠିଥିଲା। ଚୀନ୍‌ର ପ୍ରାଧାନ୍ୟ ବିସ୍ତାରକୁ ରୋକିବା ଲାଗି ନେପାଳକୁ ବେଜିଂ ପାଲରୁ ବାହାର କରିବାକୁ ୱାଶିଂଟନ ଚେଷ୍ଟା କରିଥିଲା। ଏଥିପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏକ ଯୋଜନା କରିଥିଲା। ନେପାଳକୁ ଭେଟି ଆକାରରେ ୫୦୦ ନିୟୁତ ଡଲାରର ପ୍ରକଳ୍ପ ଦିଆଯାଇଥିଲା। ଏହା ଚୀନ୍ ବିଆର୍ଆଇକୁ ଟକ୍କର ଦେଉଥିଲା। କିନ୍ତୁ ନେପାଳ ସରକାର ଆମେରିକା ପ୍ରସ୍ତାବକୁ ଅଣଦେଖା କରି ଚୀନ୍ ସହ ଘନିଷ୍ଠତା ବଜାୟ ରଖିଥିଲେ। ଚୀନ୍ ବିଜୟ ଦିବସ ପରେଡ୍‌ରେ ସାମିଲ ହୋଇ ଓଲି ଆମେରିକାକୁ ଅଧିକ ଚିଡ଼ାଇ ଥିଲେ। ଏହା ଫଳରେ ଆମରିକା ସହ ନେପାଳର ତିକ୍ତତା ଅଧିକ ବୃଦ୍ଧି ପାଇଥିଲା। ଶେଷରେ ସରକାର ଭୁଶୁଡ଼ାଇବା ପାଇଁ ଆମେରିକା ଯୋଜନା କରିଥିଲା। ଆମେରିକା ଆପ୍ ମାଧ୍ୟମରେ ହିଁ ଆନ୍ଦୋଳନକାରୀ ଏକାଠି ହୋଇ ବୈଠକ କରିଥିଲେ। ଏଠାରେ ରଣନୀତି ପ୍ରସ୍ତୁତ କରି ସରକାରକୁ ଭୁଶୁଡ଼ାଇ ଦିଆଯାଇଥିଲା।



## ଜେନ୍ ଜେଡ୍ ଗୋଷ୍ଠୀ




୧୯୯୭ରୁ ୨୦୧୨ ମସିହା ମଧ୍ୟରେ ଜନ୍ମିତ ପିଢ଼ିକୁ ଜେନ୍ ଜେଡ୍ କୁହାଯାଏ। ଏହି ପିଢ଼ି ଇଣ୍ଟରନେଟ୍ ଏବଂ ସ୍ମାର୍ଟଫୋନ୍ ସହ ବଡ଼ ହୋଇଛନ୍ତି। ଏହି ଗୋଷ୍ଠୀ ଅଳସୁଆ ଏବଂ ସର୍ବଦା ଦ୍ୱନ୍ଦ୍ୱରେ ରହୁଥିବା କୁହାଯାଉଥିଲା। ଏହି ପିଢ଼ିର ଲକ୍ଷ୍ୟ ଗୋଟିଏ ସ୍ଥାନରେ ୮ ସେକେଣ୍ଡରୁ ଅଧିକ ରୁହେ ନାହିଁ। ଏହି ଜେନ୍-ଜେଡ୍ ଏବେ ପରିପକ୍ୱ ହୋଇଗଲେଣି। ୪ ବର୍ଷରେ ତିନି ଦେଶର ସରକାରକୁ ଭୁଶୁଡ଼ାଇ ଦେଲେଣି। କେବଳ କ୍ରାନ୍ତି ନୁହେଁ, ପ୍ରଥମ ଥର ପାଇଁ ସାମାଜିକ ଗଣମାଧ୍ୟମରେ ନିଜ ପ୍ରଧାନମନ୍ତ୍ରୀ ଚୟନ କରାଯାଇଛି। ଏହି ଜେନ୍-ଜେଡ୍ ପିଢ଼ି ହିଁ ପ୍ରାରମ୍ଭରୁ ଇଣ୍ଟରନେଟ୍, ସ୍ମାର୍ଟଫୋନ୍ ଏବଂ ଜ୍ଞାନକୌଶଳର ବ୍ୟବହାର କରୁଛନ୍ତି। ଏଥିପାଇଁ ସେମାନଙ୍କୁ ଡିଜିଟାଲ ନେଟିଭ୍‌ସ ମଧ୍ୟ କୁହାଯାଏ। ୯୯ ପ୍ରତିଶତ ଜେନ୍-ଜେଡ୍‌ଙ୍କ ପାଖରେ ଏବେ ସ୍ମାର୍ଟଫୋନ ରହିଛି। ୯୪ ପ୍ରତିଶତ ସାମାଜିକ ଗଣମାଧ୍ୟମରେ ସମୟ ବିତାଉଛନ୍ତି। ଏମାନଙ୍କ ମଧ୍ୟରୁ ୫୭ ପ୍ରତିଶତ ଏଆଇ ବ୍ୟବହାର କରୁଛନ୍ତି। ତେବେ ୪୫ ପ୍ରତିଶତ ଜେନ୍-ଜେଡ୍ ଅତିକଷ୍ଟରେ ନିଜର ମାସିକିଆ ଖର୍ଚ୍ଚ ଚଳାଉଛନ୍ତି। ୬୧ ପ୍ରତିଶତ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପିଢ଼ି ଦରଦାମ ବୃଦ୍ଧି, ଋଣ ଏବଂ ଚାକିରିରେ ଅନିଶ୍ଚିତତା ଦେଇ ଗତି କରୁଛନ୍ତି। ■



# ଭାରତ-ନେପାଳ ସଂପର୍କ

## ଫେରୁଛି ଶାନ୍ତି



ହିଂସା ଉପଦ୍ରବ ଓ ଜଳାପୋଡା ପରେ, ଏବେ ନେପାଳରେ ଶାନ୍ତି ଫେରୁଛି । ଦେଶରେ ଆନ୍ତରୀଣ ସରକାର ଦାୟିତ୍ୱ ସମ୍ଭାଳିଛନ୍ତି ସୁଶୀଳା କାର୍କି । ସେ ହେଉଛନ୍ତି ନେପାଳ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି, ଯାହାଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ଆଣି ଦୁର୍ନୀତିଗ୍ରସ୍ତ ନେତାମାନେ ପଦରୁ ହଟାଇଥିଲେ । ସେ ଜନସାଧାରଣଙ୍କ ଦ୍ୱାରା ମନୋନୀତ ଶାସନ ମୁଖ୍ୟ । ପ୍ରଧାନମନ୍ତ୍ରୀ ଭାବେ ସୁଶୀଳା ଶପଥ ଗ୍ରହଣ କରିବା ପରେ ପରିସ୍ଥିତି ସ୍ୱାଭାବିକ ହେବାକୁ ଲାଗିଛି । ରାଜଧାନୀ କାଠମାଣ୍ଡୁରେ ସେନା ପକ୍ଷରୁ ଲଗାଯାଇଥିବା କର୍ଫ୍ୟୁ ଏବଂ ନିଷେଧାଜ୍ଞାକୁ ଉଠାଇ ନିଆଯାଇଛି । ଶପଥ ଗ୍ରହଣ ସମୟରେ ସୁଶୀଳା କହିଛନ୍ତି ୨୦୨୬ ମାର୍ଚ୍ଚରେ ଦେଶରେ ସାନି ନିର୍ବାଚନ ହେବ ।

ପଡ଼ୋଶୀ ତଥା ବନ୍ଧୁ ରାଷ୍ଟ୍ର ନେପାଳରେ ସଂପ୍ରତି ଘଟିଥିବା ରାଜନୈତିକ ଅସ୍ଥିରତା ଏବଂ ବିକ୍ଷୋଭ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିବା ସ୍ୱାଭାବିକ । ବିକ୍ଷୋଭ ଜନିତ ଧନ ଜୀବନହାନିକୁ ନେଇ ଭାରତର ପ୍ରଧାନମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ନେପାଳର ଭାଇ ଭଉଣୀମାନଙ୍କୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛନ୍ତି । ଭାରତ ସୀମାକୁ ଲାଗି ଦୁଇ ଦେଶ ବାଂଲାଦେଶ ଏବଂ ନେପାଳରେ ଘଟିଥିବା ଜନ ଅସନ୍ତୋଷ ଏବଂ ବିକ୍ଷୋଭର କାରଣ ଏବଂ ତା'ର ନିରାକରଣକୁ ନେଇ ଭାରତ ଚିନ୍ତିତ ହେବା ସ୍ୱାଭାବିକ । ସେହି ପରିପ୍ରେକ୍ଷୀରେ ଭାରତ ଏବଂ ନେପାଳ ମଧ୍ୟରେ ଥିବା ସଂପର୍କର ପୁନରାବଲୋକନ ଆବଶ୍ୟକ ।



ପ୍ରଦ୍ୟୁମ୍ନ ପଟ୍ଟନାୟକ

ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ନିକଟ ଅତୀତରେ ଏବଂ ସଂପ୍ରତି ଦେଖା ଦେଇଥିବା, ରାଜନୈତିକ ଅସ୍ଥିରତା, ଜନମାନସର ଆକ୍ରୋଶ, ହିଂସା, ବିକ୍ଷୋଭ ଆଦି ଭାରତ ପାଇଁ ଉଦ୍‌ବେଗର ବିଷୟ । ପ୍ରଥମେ ୨୦୨୨ ମସିହାରେ ଶ୍ରୀଲଙ୍କାରେ, ୨୦୨୪ ମସିହାରେ ବାଂଲାଦେଶରେ ଯେପରି ଗଣ ବିକ୍ଷୋଭ, ପୋଡ଼ାଜଳା, ମୃତାହତ ଏବଂ ସତ୍ତା ପରିବର୍ତ୍ତନ ଦେଖା ଦେଇଥିଲା, ଏବେ ଠିକ୍ ସେହିପରି ଅରାଜକତା, ବିକ୍ଷୋଭ ଏବଂ ପୋଡ଼ାଜଳା ଦେଖିବାକୁ ମିଳିଛି ନେପାଳରେ। ନେପାଳର ରାଜଧାନୀ କାଠମାଣ୍ଡୁରେ ବିକ୍ଷୋଭକାରୀମାନେ ବ୍ୟାପକ ଭଙ୍ଗାରୁଜା, ପୋଡ଼ାଜଳା କରିବା ଫଳରେ ଧନଜୀବନ କ୍ଷୟକ୍ଷତି ଘଟିଛି । ନେପାଳ ସରକାର ସାମାଜିକ ଗଣମାଧ୍ୟମଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଇବା ଫଳରେ ସୂତ୍ରପାତ ହୋଇଥିବା ବିକ୍ଷୋଭରେ ଭାଗ ନେଇଛନ୍ତି ମୁଖ୍ୟତଃ ଯୁବ ସମାଜ, ଯାହାଙ୍କୁ କୁହାଯାଉଛି ଜେନ୍ ଜେଡ୍ ।



## ଜନ ବିପ୍ଳବ

କିଛି ଦିନ ହେବ ନେପାଳର ଯୁବ ବର୍ଗ ସେଠାକାର ରାଜନୀତି, ଅର୍ଥନୀତି, ଦୁର୍ନୀତି, ବେରୋଜଗାରି ଭ୍ରଷ୍ଟାଚାର ଆଦିକୁ ନେଇ ଅସନ୍ତୁଷ୍ଟ ଥିଲେ । ସାଧାରଣ ଘରର ପିଲାମାନେ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ବେଳେ ନେତା ଓ ଅଫିସରଙ୍କ ପିଲାମାନେ ଅୟସ ଆରାମ କରୁଥିବାକୁ ନେଇ ପୁଞ୍ଜିଭୂତ ଅସନ୍ତୋଷ ସାମାଜିକ ଗଣମାଧମରେ ଦର୍ଶାଇ ପ୍ରଚାର କରା ଯାଉଥିଲା । ନେପାଳ ସରକାର ସେହି ସବୁ ପ୍ରଚାରକୁ ବନ୍ଦ କରିବା ଉଦ୍ଦେଶ୍ୟରେ ସାମାଜିକ ଗଣମାଧମ ଉପରେ କଟକଣା ପାଇଁ ନିଷ୍ପତ୍ତି ନେଇଥିଲେ । ପରିଣାମ ଭୟଙ୍କର ରୂପ ନେଲା । ସୃଷ୍ଟି ହେଲା ଜନ ବିପ୍ଳବ । ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀଙ୍କ ସହ ସବୁ ବର୍ଗର ନାଗରିକ ସେହି ଜେନେରେସନ୍ ଜେଡ୍ ବା ଯୁବବର୍ଗଙ୍କ ନେତୃତ୍ୱରେ ରାସ୍ତାକୁ ଆସିଲେ । ଦେଶର ସଂସଦଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ସବୁକୁ ଜାଳି ଦେଲେ । ନେତା ମନ୍ତ୍ରୀମାନଙ୍କୁ ଗୋଡ଼ାଇ ଗୋଡ଼ାଇ ବାଡ଼େଇଲେ । ବିଳାସପୂର୍ଣ୍ଣ ପ୍ରାସାଦଗୁଡ଼ିକକୁ ଜାଳି ଦିଆଗଲା। ପ୍ରଧାନମନ୍ତ୍ରୀ ଲୁଚି ପଳାଇ ଗଲେ । ଅନ୍ୟମାନେ ସେନାର ସହାୟତାରେ ଅଜ୍ଞାତ ସ୍ଥାନକୁ ଚାଲିଗଲେ । ସେହି ବିକ୍ଷୋଭ ଫଳରେ ପଚାଶରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ହେଲା । ସେହିପରି ଶହ ଶହ ବ୍ୟକ୍ତି ଆହତ ହୋଇଛନ୍ତି ।

## ଐତିହ୍ୟରେ ସମାନତା

ଭାରତ ଏବଂ ନେପାଳ ଏସିଆ ମହାଦେଶର ଦୁଇଟି ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର । ଦୁଇ ଦେଶର ଆକାର ଭିନ୍ନ ହେଲେ ବି ଐତିହ୍ୟ, ଭାଷା ଏବଂ ସଂସ୍କୃତିରେ ରହିଛି ସମାନତା । ରାମାୟଣର ବର୍ଣ୍ଣନା ଅନୁଯାୟୀ ଅଯୋଧ୍ୟାର ରାଜା ଦଶରଥଙ୍କର ଚାରି ପୁତ୍ର ରାମ, ଲକ୍ଷ୍ମଣ ଭରତ ଓ ଶତୃଘ୍ନ ନେପାଳର ଜନକପୁରୀର ଚାରି ରାଜକନ୍ୟା ସୀତା, ଊର୍ମିଳା, ମାଣ୍ଡବୀ ଏବଂ ଶ୍ରୁତକୀର୍ତ୍ତିଙ୍କୁ ବିବାହ କରିଥିଲେ । ବୁଦ୍ଧ ଧର୍ମର ପ୍ରତିଷ୍ଠାତା ଗୌତମ ବୁଦ୍ଧଙ୍କର ଜନ୍ମ ନେପାଳର ଲୁମ୍ବିନୀରେ । ତା' ବ୍ୟତୀତ ଓଡ଼ିଶାର ପୁରୀ ଜଗନ୍ନାଥ ମନ୍ଦିର ସହ ରହି ଆସିଛି ନେପାଳ ସହ ଅତୁଟ ସମ୍ପର୍କ । ନେପାଳରୁ ଆସିଥାଏ ଶାଳଗ୍ରାମ ଏବଂ ଶ୍ରୀଜଗନ୍ନାଥଙ୍କ ଅଙ୍ଗଲାଗି ହେଉଥିବା କସ୍ତୁରୀ । ଧର୍ମ, ଭାଷା, ସଂସ୍କୃତି ସହ ଦୁଇ ଦେଶର ଲୋକମାନଙ୍କ ମଧ୍ୟରେ ରହି ଆସିଛି ବୈବାହିକ ସମ୍ପର୍କ ।

ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଏକଦା ଭାରତ ଏବଂ ନେପାଳର କିଛି ଅଂଶ ମୌର୍ଯ୍ୟ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଭାରତ ଇଂରେଜମାନଙ୍କ ଦ୍ୱାରା ପରାଧୀନ ଥିବା ସମୟରେ ନେପାଳ ଥିଲା ସ୍ୱାଧୀନ। ସେ କେବେ ଇଂରେଜ ଉପନିବେଶର ଅଂଶ ହୋଇ ନାହିଁ, ବରଂ ଇଂରେଜ ଶାସିତ ଭାରତ ଏବଂ ଚୀନ ମଧ୍ୟରେ ଏକ ବଫର ଷ୍ଟେଟ୍ ଭାବେ ରହି ଆସିଛି । ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ନେପାଳ ସହ ୧୯୫୦ ମସିହାରେ ସ୍ୱାକ୍ଷରିତ ହୋଇଥିଲା ଦ୍ୱିପାକ୍ଷିକ ବନ୍ଧୁତ୍ୱର ଚୁକ୍ତି, ଯାହାର ଉଦ୍ଦେଶ୍ୟ ଥିଲା ଅର୍ଥନୈତିକ କ୍ଷେତ୍ରରେ ବ୍ୟାପକ ସହଯୋଗିତା । ୧୯୫୦ ମସିହାରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ନେପାଳ ଏବଂ ଭାରତ ମଧ୍ୟରେ ସୁରକ୍ଷା, ପ୍ରତିରକ୍ଷା ଏବଂ ବାଣିଜ୍ୟ କ୍ଷେତ୍ରରେ ସହଯୋଗିତା ବଢ଼ାଇବାରେ କାର୍ଯ୍ୟ କରି ଆସିଛି ।



## ଖୋଲା ସୀମା

ଭାରତ ଏବଂ ନେପାଳ ମଧ୍ୟରେ ଥିବା ୧୭୫୧ କିଲୋମିଟର ବ୍ୟାପି ସୀମା ଭାରତର ପାଞ୍ଚଟି ରାଜ୍ୟ ସହ ସଂଲଗ୍ନ । ସେ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକ ହେଲା ବିହାର, ପଶ୍ଚିମ ବଙ୍ଗ, ଉତ୍ତର ପ୍ରଦେଶ, ସିକ୍କିମ ଏବଂ ଉତ୍ତରଖଣ୍ଡ । ଉଭୟ ଦେଶ ମଧ୍ୟରେ ଯିବା ଆସିବା କରିବାରେ କୌଣସି କଟକଣା ନାହିଁ । ସେଥିପାଇଁ ବିଭିନ୍ନ କାର୍ଯ୍ୟ ସହ ବ୍ୟବସାୟ ବାଣିଜ୍ୟ ପାଇଁ ଦୁଇ ଦେଶର ନାଗରିକଙ୍କୁ ଉଭୟ ରାଷ୍ଟ୍ର ମଧ୍ୟରେ ଅବାଧ ପ୍ରବେଶ ରହିଥାଏ ।



## ସାଂସ୍କୃତିକ ଏବଂ ନାଗରିକ ସଂପର୍କ

ଭାରତ ଏବଂ ନେପାଳ ମଧ୍ୟରେ ରହିଛି ଗଭୀର ସାଂସ୍କୃତିକ ଏବଂ ନାଗରିକ ସଂପର୍କ । ସମାନ ଧର୍ମ, ସମ ପ୍ରକାର ଭାଷା ଏବଂ ଚଳଣିରେ ସମାନତା ଦୃଷ୍ଟିରୁ ଦୁଇ ଦେଶ ମଧ୍ୟରେ ଗଭୀର ସାଂସ୍କୃତିକ ସଂପର୍କ ରହିଆସିଛି । ଶିକ୍ଷା ଏବଂ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଦୁଇ ଦେଶ ମଧ୍ୟରେ ସମ୍ବନ୍ଧ ରହିଛି । ଅନେକ ଛାତ୍ରଛାତ୍ରୀ ନେପାଳରୁ ଆସି ଭାରତୀୟ ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବା ସହ ଜୀବିକା ନିର୍ବାହ ନିମିତ୍ତ କାର୍ଯ୍ୟ କରୁଛନ୍ତି । ଦୁଇ ଦେଶର ନାଗରିକମାନଙ୍କ ମଧ୍ୟରେ ବୈବାହିକ ପାରିବାରିକ ସମ୍ବନ୍ଧ ବି ରହି ଆସିଛି ପୁରାତନ ସମୟରୁ । ଫଳରେ ସମୟକ୍ରମେ ଦୁଇ ଦେଶ ମଧ୍ୟରେ ଥିବା ଐତିହାସିକ ଏବଂ ସାମାଜିକ ସଂପର୍କ କ୍ରମେ ଦୃଢ଼ୀଭୂତ ହୋଇପାରିଛି ।



## ପ୍ରତିରକ୍ଷା କ୍ଷେତ୍ରରେ ସହକାରିତା

ଭାରତ ଏବଂ ନେପାଳ ସେନାଙ୍କ ମଧ୍ୟରେ ରହିଥାଏ ସୌହାର୍ଦ୍ଦ୍ୟପୂର୍ଣ୍ଣ ଏବଂ ଦୃଢ଼ ସଂପର୍କ। ପରମ୍ପରା ଅନୁଯାୟୀ ଉଭୟ ଦେଶ ପରସ୍ପରର ସେନାଧକ୍ଷଙ୍କୁ ଅନରାରୀ ଜେନେରାଲ୍ ପଦ ପ୍ରଦାନ କରିଥାଆନ୍ତି। ତା' ବ୍ୟତୀତ ଭାରତୀୟ ସେନାରେ ଥିବା ଗୁର୍ଖା ରେଜିମେଣ୍ଟରେ ସୈନିକ ଭାବେ କାର୍ଯ୍ୟ କରନ୍ତି ୩୨୦୦୦ ନେପାଳୀ ଗୁର୍ଖା । ଅବସରପ୍ରାପ୍ତ ସୈନ୍ୟମାନଙ୍କ ପେନସନ୍ ଏବଂ ଥଇଥାନ ସୁବିଧା ପାଇଁ ଭାରତ ସରକାରଙ୍କ କାର୍ଯ୍ୟାଳୟ କାଠମାଣ୍ଡୁରେ କାର୍ଯ୍ୟ କରେ । ଦୁଇ ଦେଶ ମଧ୍ୟରେ ସବୁ ବର୍ଷ ନିୟମିତ ହୋଇ ଆସୁଥିବା ଯୁଦ୍ଧାଭ୍ୟାସର ନାମ ସୂର୍ଯ୍ୟ କିରଣ ।



## ଯୋଗାଯୋଗ ଏବଂ ବିକାଶରେ ସହଭାଗିତା

ନେପାଳର ଉନ୍ନତି ନିମିତ୍ତ ଭାରତ ସବୁଠାରୁ ବଡ଼ ସହଯୋଗୀ ଦେଶ । ସେଠାକାର ଦ୍ରୁତ ପ୍ରଗତି ନିମିତ୍ତ ଶିକ୍ଷା ସ୍ୱାସ୍ଥ୍ୟ ଏବଂ ଗମନା ଗମନର ଭିତ୍ତିଭୂମି ବିକାଶ କରିବା ଲାଗି ଭାରତ ସହାୟତା କରି ଆସୁଛି । ଅନ୍ୟ ଉଲ୍ଲେଖନୀୟ ବିକାଶ କାର୍ଯ୍ୟକ୍ରମ ମଧ୍ୟରେ ରହିଛି ରେଳ ଯୋଗାଯୋଗ, ସଡ଼କ ପଥ ଓ ପୋଲ ନିର୍ମାଣ, ଡିଜେଲ ପାଇପ୍ ଲାଇନ ସଂଯୋଗ, ଜାତୀୟ ପୁଲିସ ଏକାଡେମୀ ପ୍ରତିଷ୍ଠା ଇତ୍ୟାଦି। ନେପାଳର ଗ୍ରାମାଞ୍ଚଳରେ ସାମୂହିକ ବିକାଶ ନିମିତ୍ତ ଡାକ୍ତରଖାନା, ସ୍କୁଲ, କଲେଜ ପ୍ରତିଷ୍ଠା ସହ ପିଇବା ପାଣିର ବ୍ୟବସ୍ଥା ଆଦି ଭାରତ ସହାୟତାରେ ହୋଇ ପାରିଛି।



## ବିପର୍ଯ୍ୟୟ ସହାୟତା

ଭାରତ ନେପାଳର ଦୀର୍ଘଦିନର ଭରସାଯୋଗ୍ୟ ସହଯୋଗୀ । ଭାରତ ମଧ୍ୟ ପ୍ରଥମ ଦେଶ ଯିଏ ୨୦୧୫ ଭୂକମ୍ପ ସମୟରେ ନେପାଳକୁ ବହୁବିଧ ସାହାଯ୍ୟ ପହଞ୍ଚାଇଥିଲା। ଉଦ୍ଧାରକାରୀ ଦଳ, ହେଲିକେପ୍ଟର, ରିଲିଫ୍ ସାମଗ୍ରୀ ପଠାଇବା ସହିତ ରହିବା ପାଇଁ ବାସଗୃହ, ବିଦ୍ୟାଳୟ, ଡାକ୍ତରଖାନା ଆଦି ପୁନଃନିର୍ମାଣ ପାଇଁ ମଧ୍ୟ ଭାରତ ସହାୟତା ପ୍ରଦାନ କରିଥିଲା। ସେପରି ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା ୨୦୨୩ ନଭେମ୍ବରରେ ହୋଇଥିବା ଭୂକମ୍ପ ସମୟରେ। କରୋନା ମହାମାରୀ ସମୟରେ ଭାରତ ନେପାଳକୁ ଭାରତରେ ନିର୍ମିତ କୋଭିଡ୍ ଟିକା ବ୍ୟତୀତ ଅନ୍ୟାନ୍ୟ ଔଷଧ ପଠାଇଥିଲା। ଅମ୍ଳଜାନ ଯନ୍ତ୍ର, ଭେଣ୍ଟିଲେଟର, ଆଇସିୟୁ ବେଡ୍ ସହ ସଂକ୍ରମଣ ପ୍ରତିଷେଧକ ଉପକରଣ ଆଦି ମଧ୍ୟ ଯୋଗାଇ ଦିଆ ଯାଇଥିଲା।

## ସୁଦୃଢ଼ ସାହିତ୍ୟ ଓ ସଂସ୍କୃତି

ନେପାଳ ଏବଂ ଭାରତ ଦୁଇ ଦେଶ ନାଗରିକଙ୍କ ମଧ୍ୟରେ ରହିଛି କଳା ସାହିତ୍ୟ ଏବଂ ସଂସ୍କୃତିକୁ ନେଇ ଦୃଢ଼ ସଂପର୍କ । ହିନ୍ଦୀ, ସଂସ୍କୃତ ଆଦି ବିଭିନ୍ନ ଭାଷାରେ ନିୟମିତ କର୍ମଶାଳାର ଆୟୋଜନ । ୧୯୫୧ ମସିହାରେ ନେପାଳ ଭାରତ ଲାଇବ୍ରେରୀ ପ୍ରତିଷ୍ଠା, ୨୦୦୭ ମସିହାରେ ସ୍ୱାମୀ ବିବେକାନନ୍ଦ ସେଣ୍ଟର ଫର୍ ଇଣ୍ଡିଆନ କଲ୍‌ଚର ପ୍ରତିଷ୍ଠା ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ସମ୍ବନ୍ଧର ପରିଚାୟକ ।






## କୂଟନୈତିକ ସମ୍ପର୍କ

ଭାରତ ଏବଂ ନେପାଳ ମଧ୍ୟରେ ରହିଛି ସୁଦୃଢ ରାଜନୈତିକ ଏବଂ କୂଟନୈତିକ ସମ୍ପର୍କ । ନେପାଳର ରାଜଧାନୀ କାଠମାଣ୍ଡୁରେ ଭାରତୀୟ ଦୂତବାସ କାର୍ଯ୍ୟ କରୁଥିବା ବେଳେ ବୀରଗଞ୍ଜରେ ଅଛି କନସୁଲେଟ୍ ଜେନେରାଲ୍‌ଙ୍କ କାର୍ଯ୍ୟାଳୟ । ସେପରି ଦିଲ୍ଲୀରେ ନେପାଳର ଦୂତାବାସ ଥିବା ବେଳେ କୋଲକାତାରେ ରହିଛି କନସୁଲେଟ୍ ଜେନେରାଲ୍ କାର୍ଯ୍ୟାଳୟ।

## ନେପାଳ-ଭାରତ ସଂପର୍କର ଐତିହାସିକ ପୃଷ୍ଠଭୂମି

ଭାରତ ସ୍ୱାଧୀନ ହେବା ପରେ ନେପାଳ ସହ ସଂପର୍କର ସୂତ୍ରପାତ ହୋଇଥିଲା ୧୯୫୦ ମସିହାରେ ଦୁଇ ଦେଶ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତି ମାଧ୍ୟମରେ। କ୍ରମେ ନେପାଳ ରାଜନୀତିରେ ଭାରତର ପ୍ରଭାବ ବୃଦ୍ଧି ପାଇବାକୁ ଲାଗିଲା। ନେପାଳର ନାଗରିକ ନିୟମ ୧୯୫୨ ଦ୍ୱାରା ଭାରତୀୟମାନେ ଅବାଧରେ ନେପାଳର ନାଗରିକତ୍ୱ ହାସଲ କରିପାରିଲେ, ଯାହା ନେପାଳର ଅସନ୍ତୋଷର କାରଣ ହେଲା। ସେହି ସମୟରେ ଭାରତୀୟ ମିଲିଟାରୀ ମିଶନ ନେପାଳରେ ପ୍ରତିଷ୍ଠା କରାଗଲା। ସେ ବି ଅନ୍ୟ ଏକ ଅସନ୍ତୋଷର କାରଣ ହେଲା । କ୍ରମେ ଭାରତର ପ୍ରଭାବ ବୃଦ୍ଧିକୁ ନେଇ ନେପାଳ ରାଜପରିବାରରେ ଅସନ୍ତୋଷ ଦେଖା ହେଲା । ଫଳରେ ଚୀନ୍ ସହ ସମ୍ପର୍କ ବୃଦ୍ଧି କରି ଭାରତର ପ୍ରଭାବକୁ ହ୍ରାସ କରା ଯିବାର ପ୍ରୟାସ କରାଗଲା। ୧୯୬୨ ମସିହା ଯୁଦ୍ଧରେ ଭାରତର ଚୀନଠାରୁ ପରାଜୟ ପରେ ନେପାଳ ଭାରତଠାରୁ ଅନେକ ବାଣିଜ୍ୟିକ ରିହାତି ଲାଭ କଲା। ତା' ବଦଳରେ ଭାରତ ଏକଚାଟିଆ ଭାବେ ନେପାଳକୁ ଅସ୍ତ୍ର ଶସ୍ତ୍ର ରପ୍ତାନି କରିବାକୁ ଲାଗିଲା ।

୧୯୭୦ ଦଶକରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା, ଯେବେ ଭାରତ ସିକ୍କିମକୁ ନିଜ ଦେଶରେ ମିଶାଇ ନେଇଥିଲା । ନେପାଳ ଦୁଇ ଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଏବଂ ଗମନାଗମନ ଚୁକ୍ତିକୁ ବଦଳାଇବାକୁ ଜୋର୍ ଦେବା ସହ ୧୯୭୫ ମସିହାରେ ସିକ୍କିମର ଭାରତରେ ମିଶ୍ରଣକୁ ନିନ୍ଦା କରିଥିଲା । ତା' ପରେ ନେପାଳର ରାଜା ବୀର ବିକ୍ରମ ଶାହ ଦେବ ପ୍ରସ୍ତାବ ରଖିଲେ ଯେ ନେପାଳକୁ ଏକ ଆନ୍ତର୍ଜାତିକ ଶାନ୍ତି ଅଞ୍ଚଳ ଭାବେ ଘୋଷିତ କରାଯାଉ । ସେ ପ୍ରସ୍ତାବକୁ ଚୀନ ଏବଂ ପାକିସ୍ତାନ ତୁରନ୍ତ ସମର୍ଥନ କରିଥିଲେ ମଧ୍ୟ ଭାରତ ସମର୍ଥନ କରି ନ ଥିଲା । ସେହି ପ୍ରସ୍ତାବ ୧୯୯୦ ମସିହାରେ ଆମେରିକା, ଇଂଲଣ୍ଡ ଏବଂ ଫ୍ରାନ୍ସ ସହ ୧୨୨ ଦେଶଙ୍କର ସମର୍ଥନ ହାସଲ କରିଥିଲା।

ଭାରତ ଏବଂ ନେପାଳ ମଧ୍ୟରେ ସଂପର୍କ ମୁଖ୍ୟତଃ ଦୁଇ ଦେଶ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତି ଆଧାରରେ ହୋଇଲେ ବି ନେପାଳର ବିରୋଧୀ ଦଳଗୁଡ଼ିକ ତାଙ୍କ ସରକାର ବିରୁଦ୍ଧରେ ଭାରତରୁ ଆନ୍ଦୋଳନର ପ୍ରସ୍ତୁତି କରୁଥିଲେ। ସେପରି ନେପାଳର ଶାସକ ଗୋଷ୍ଠୀ ଚୀନ୍‌ର ନିକଟବର୍ତ୍ତୀ ହେବା ଭାରତ ପାଇଁ ଅବିଶ୍ୱାସ ଏବଂ ଉତ୍ତେଜନାର କାରଣ ।



ସଂପ୍ରତି ଘଟିଯାଇ ଥିବା ବିକ୍ଷୋଭ ଏବଂ ସତ୍ତା ପରିବର୍ତ୍ତନ ସଂପୂର୍ଣ୍ଣ ଭିନ୍ନ କାରଣରୁ ହୋଇଥିଲେ ବି ପଡ଼ୋଶୀ ଦେଶର ରାଜନୈତିକ ଅସ୍ଥିରତା ପ୍ରତି ଭାରତ ସତର୍କ ଦୃଷ୍ଟି ରଖିଛି । ନେପାଳରେ ଗଠିତ ହୋଇଥିବା ଅନ୍ତରୀଣ ସରକାରକୁ ଶୁଭେଚ୍ଛା ଏବଂ ଶୁଭ କାମନା ଜଣାଇ ଭାରତର ପ୍ରଧାନମନ୍ତ୍ରୀ ଆଶା ପୋଷଣ କରିଛନ୍ତି ନେପାଳର ପରିସ୍ଥିତି ଖୁବଶୀଘ୍ର ସ୍ୱାଭାବିକ ହୋଇଯିବ । ନେପାଳର ନୂଆ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କ ନେତୃତ୍ୱରେ ଗଠିତ ସରକାର ଦେଶକୁ ସୁରକ୍ଷା ପ୍ରଦାନ କରିବା ସହ ବିକାଶ ପଥରେ ଆଗେଇ ନେବ ବୋଲି ଦେଶବାସୀ ଆଶା ପ୍ରକାଶ କରିଛନ୍ତି। ତା'ସହ ସରକାର ଦୁର୍ନୀତି ମୁକ୍ତ ହେବ ବୋଲି ଲୋକଙ୍କର ଆଶା। ପଡ଼ୋଶୀ ଦେଶ ନେପାଳରେ ରାଜନୈତିକ ସ୍ଥିରତା ଭାରତର କାମ୍ୟ । ତା' ସହ ଭାରତ ଆଶାକରେ ନେପାଳର ନୂଆ ସରକାର ଭାରତ ସହ ପୂର୍ବ ଭଳି ମିତ୍ରତା ରକ୍ଷା କରି ଦୁଇ ଦେଶର ସଂପର୍କକୁ ଆହୁରି ସୁଦୃଢ଼ କରିବ । ■

ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର
ଜୟ ଦୁର୍ଗା ନଗର, ଭୁବନେଶ୍ୱର -୭୫୧୦୦୬, ମୋ: ୯୯୭୮୨୮୦୮୯୬



# ଜେନ୍ ଜେଡ୍ ବିଦ୍ରୋହ ଓ ନେପାଳ ସେନା



ଡକ୍ଟର ବିମଳ ଷଡ଼ଙ୍ଗୀ

ଜେନ୍ ଜେଡ୍ ଯୁବପିଢ଼ିଙ୍କ ନେତୃତ୍ୱ ଦ୍ୱାରା ୨୦୨୫ ମସିହା ସେପ୍ଟେମ୍ବର ଆରମ୍ଭରୁ ନେପାଳ ସରକାରଙ୍କ ବିରୁଦ୍ଧରେ ବଡ଼ ଧରଣର ପ୍ରତିବାଦ ଆରମ୍ଭ ହୋଇଥିଲା । ଦୁର୍ନୀତି, ପରିବାରବାଦ, ବେକାରୀ, ଦରଦାମ ବୃଦ୍ଧି, ଶିକ୍ଷା ଘରୋଇକରଣ, ବ୍ୟୟବହୁଳ ସ୍ୱାସ୍ଥ୍ୟସେବା, ରାଜନୈତିକ ପ୍ରିୟାପ୍ରୀତିତୋଷଣ, ବ୍ୟଭିଚାର ଏବଂ ବ୍ୟାପକ ଅସମାନତା ଉପରେ ଜେନ୍ ଜେଡ୍ ଯୁବଗୋଷ୍ଠୀ ଭିତରେ ହତାଶାଭାବ ସୃଷ୍ଟି ହୋଇଥିଲା । ତେଣୁ ନେପାଳର କାଠମାଣ୍ଡୁ ଏବଂ ଅନ୍ୟାନ୍ୟ ସହରରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଯୁବ ନେଟ୍‌ୱାର୍କ ମାଧ୍ୟମରେ ସରକାରଙ୍କ ବିରୁଦ୍ଧରେ ବିରୋଧ ପ୍ରଦର୍ଶନ ସଂଗଠିତ ହୋଇଥିଲା ।



## ଆନ୍ଦୋଳନକୁ ଦମନ ପାଇଁ ପ୍ରୟାସ

ପ୍ରଥମ ପର୍ଯ୍ୟାୟରେ ଆନ୍ଦୋଳନକାରୀକୁ ଦମନ କରିବା ପାଇଁ ସୁରକ୍ଷାବାହିନୀ ଚିରାଚରିତ ପ୍ରଥାରେ ଲୁହବୁହା ଗ୍ୟାସ, ପାଣି ସ୍ପ୍ରେ, ରବର ଗୁଳି ଏବଂ କିଛି କ୍ଷେତ୍ରରେ ଜୀବନ୍ତ ଗୁଳି ବ୍ୟବହାର କରିଥିଲେ। ଏହାପରେ ମଧ୍ୟ ପ୍ରତିବାଦକାରୀମାନେ କାଠମାଣ୍ଡୁଠାରେ ସଂସଦରେ ଧସେଇ ପଶିବା ସହିତ ରାଜନୈତିକ କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଥିଲେ। ସେହିପରି ଉଚ୍ଚ ପଦବିର ରାଜନେତା, ସରକାରୀ କର୍ମଚାରୀଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଏଥିରେ ଅନେକ ମନ୍ତ୍ରୀ, ସେମାନଙ୍କ ପରିବାର ସଦସ୍ୟଙ୍କ ସହିତ ସାଧାରଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। କାଠମାଣ୍ଡୁ ଏବଂ ଅନ୍ୟାନ୍ୟ ସହରଗୁଡ଼ିକର କିଛି ଅଂଶରେ ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିଥିଲା।

## ନେପାଳ ସେନାର ପଦକ୍ଷେପ

ଠିକ୍ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ନେପାଳ ସେନାଧ୍ୟକ୍ଷ ନିଜର ଦୂରଦର୍ଶୀ ଅଭିଜ୍ଞତା ଓ ତତ୍କାଳ ନିଷ୍ପତ୍ତି ଦ୍ୱାରା ନେପାଳର ନିରାପତ୍ତା ଓ ବଡ଼ ଧରଣର ଧନଜୀବନର କ୍ଷୟକ୍ଷତିକୁ ରୋକି ଶାନ୍ତି ଫେରାଇ ଆଣିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କାଠମାଣ୍ଡୁ, ବୀରଗଞ୍ଜ, ଭୈରହୱା, ବୁଟୱାଲ୍, ପୋଖରା, ଇଟାହାରି ଏବଂ ଦମକ ସମେତ ଅନେକ ସହରରେ କର୍ଫ୍ୟୁ ଜାରି କରାଯାଇଥିଲା। ଏହା ବ୍ୟତୀତ, ପୋଲିସ ଏବଂ ସଶସ୍ତ୍ର ବାହିନୀ ପ୍ରତିବାଦକାରୀଙ୍କୁ ଖୋଜିବା ପାଇଁ ପ୍ରତିବାଦସ୍ଥଳ ନିକଟରେ ଘର ଘର ବୁଲିବା ଆରମ୍ଭ କରିଥିଲେ। ସିଭିଲ୍ ସର୍ଭିସ୍ ହସ୍‌ପିଟାଲ୍‌ରେ ଚଢ଼ାଉ କରିଥିଲେ, ଯେଉଁଠାରେ ସରକାରୀ ବାହିନୀ ଦ୍ୱାରା ଗୁଳି କିମ୍ବା ଅନ୍ୟଥା ମାଡ଼ ମାରି ଆହତ ଏବଂ ମୃତ୍ୟୁବରଣ କରୁଥିବା ପ୍ରତିବାଦକାରୀଙ୍କୁ ନିଆଯାଇଥିଲା। କାର୍ଯ୍ୟଶୃଙ୍ଖଳାକୁ ପୁନଃସ୍ଥାପିତ କରିବା ପାଇଁ ନେପାଳ ସେନା ତତ୍କାଳ ଅନେକ ସମନ୍ୱିତ ପଦକ୍ଷେପ ନେଇଥିଲା । ସେନା ମୁଖ୍ୟ ଜେନେରାଲ ଅଶୋକ ରାଜ ସିଗଡେଲ୍ ପ୍ରଥମେ ଦୂରଦର୍ଶନ ମାଧ୍ୟମରେ ଏକ ସାର୍ବଜନୀନ ବାର୍ତ୍ତା ଦ୍ୱାରା ଦେଶବାସୀଙ୍କୁ ଶାନ୍ତ ଏବଂ ସଂଯମ ରହିବାକୁ ଅନୁରୋଧ କରିଥିଲେ। ଖୁବ୍ କମ ସମୟ ମଧ୍ୟରେ ନେପାଳର ସମ୍ବେଦନଶୀଳ ଅଞ୍ଚଳରେ କର୍ଫ୍ୟୁ ପ୍ରବର୍ତ୍ତନ ହୋଇଥିଲା। କାଠମାଣ୍ଡୁ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକର ରାସ୍ତାରେ ବ୍ୟାପକ ଭାବରେ ସେନା ମୁତୟନ କରାଯାଇଥିଲା । ନିୟମିତ ପୋଲିସ ବାହିନୀକୁ ବଦଳାଇଥିଲେ ଓ କମ୍ ପୋଲିସ ଥିବା ସ୍ଥାନରେ ଅଧିକ ସେନା ମୁତୟନ କରାଯାଇଥିଲା। ସାଧାରଣ ବ୍ୟକ୍ତିଙ୍କ ଗତିବିଧି, ସମାବେଶକୁ ବନ୍ଦ କରାଯାଇଥିଲା। ସମ୍ବେଦନଶୀଳ ଅଞ୍ଚଳରେ ସେନା ଚେକ୍ ପଏଣ୍ଟ, ଯାନବାହାନ ଯାଞ୍ଚ ଏବଂ ପରିଚୟପତ୍ର ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ହିଂସାକାଣ୍ଡରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ସୈନିକମାନେ ଏକତ୍ର କରି ଗିରଫଦାରୀ ଜାରି ରଖିଥିଲେ। ପ୍ରତିବାଦକାରୀଙ୍କ ଦ୍ୱାରା ଲୁଟ୍ ହୋଇଥିବା ବନ୍ଧୁକ ଏବଂ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଥିଲା ତତ୍‌ସହିତ ସେନା କର୍ମଚାରୀମାନେ ଶହ ଶହ ପଳାୟନ ଜେଲ କଏଦୀଙ୍କୁ ପୁନର୍ବାର ଧରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନେକ ସ୍ଥାନରେ ସୈନିକମାନେ ପ୍ରତିବାଦ ଅଞ୍ଚଳ ନିକଟରେ ରହିଥିବା ଘର ଘର ବୁଲି ଲୁଟ୍ ଅସ୍ତ୍ରଶସ୍ତ୍ର ଓ ଆନ୍ଦୋଳନକାରୀଙ୍କୁ ଖୋଜିଥିଲେ।



## ଶାନ୍ତି ବଜାୟ ପାଇଁ ନିବେଦନ



୨୦୨୫ ସେପ୍ଟେମ୍ବର ୮ରୁ ୯ତାରିଖ ମଧ୍ୟରେ ସେନା ମୁଖ୍ୟ ଜେନେରାଲ ଅଶୋକ ରାଜ ସିଗଡେଲ ଜାତୀୟ ଟିଭିରେ ଶାନ୍ତି ପାଇଁ ନିବେଦନ କରିଥିଲେ। କାଠମାଣ୍ଡୁ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସେନା ୟୁନିଟ୍ ମୁତୟନ କରିଥିଲେ। କର୍ଫ୍ୟୁ ଜାରି କରି ଚେକ୍ ପଏଣ୍ଟ ପ୍ରତିଷ୍ଠା କରିଥିଲେ। ସେପ୍ଟେମ୍ବର ୯ରୁ ୧୦ ତାରିଖ ମଧ୍ୟରେ ସେନା ତ୍ରିଭୁବନ ଅନ୍ତର୍ଜାତୀୟ ବିମାନ ବନ୍ଦରର ନିୟନ୍ତ୍ରଣ ଗ୍ରହଣ କରିଥିଲେ। ସୈନିକମାନେ ପ୍ରତିବାଦ କ୍ଷେତ୍ର ନିକଟରେ ଘର ଘର ଖୋଜା ଖୋଜି ଶହ ଶହ ପଳାୟନ କଏଦୀଙ୍କୁ ପୁନର୍ବାର ଗିରଫ କରିଥିଲେ। ଲୁଟ୍ ଓ ପୋଡ଼ାଜଳାରେ ସାମିଲ ପ୍ରତିବାଦକାରୀଙ୍କୁ ଗିରଫ କରି ଚୋରି ବନ୍ଧୁକ ଉଦ୍ଧାର କରିଥିଲେ। ସେପ୍ଟେମ୍ବର ୧୦ରୁ ୧୧ ତାରିଖ ମଧ୍ୟରେ ଅନ୍ତରୀଣ ସରକାର ବିଷୟରେ ପ୍ରତିବାଦକାରୀ ନେତାଙ୍କ ସହିତ ଆଲୋଚନା ମାଧ୍ୟମରେସେନା ନିୟୋଜିତ ହୋଇଥିଲା । ସେମାନଙ୍କର ଉପସ୍ଥିତି ସଂସଦୀୟ ଏବଂ ସରକାରୀ କର୍ମଚାରୀମାନଙ୍କୁ ସୁରକ୍ଷା ଅଧୀନରେ କାମକୁ ଫେରିବାରେ ସାହାଯ୍ୟ କରିଥିଲେ । ଯାହାଫଳରେ ସଂଘର୍ଷ କମି ଧୀରେ ଧୀରେ ଶୃଙ୍ଖଳା ଫେରି ଆସିଥିଲା। ପୋଲିସକୁ ଦାୟିତ୍ୱ ହସ୍ତାନ୍ତର କରି ସେନା ଧୀରେ ଧୀରେ ରାସ୍ତାରୁ ପ୍ରତ୍ୟାହାର ଆରମ୍ଭ କରିଛି, ଆଶା ଖୁବ ଶୀଘ୍ର ନେପାଳରେ ଶାନ୍ତି ଓ ସ୍ଥିରତା ଫେରିଆସିବ । ସଂକ୍ଷେପରେ କହିବାକୁ ଗଲେ ନେପାଳ ସେନାର ସମୟୋଚିତ ସୁଚିନ୍ତିତ ପଦକ୍ଷେପ ସାରା ବିଶ୍ୱ ପାଇଁ ଏକ ନୂତନ ଦିଗଦର୍ଶନ କହିଲେ ଭୁଲ ହେବ ନାହିଁ। ■

## ଶାନ୍ତିପୂର୍ଣ୍ଣ ଆଲୋଚନା

ନେପାଳୀ ସେନା କେବଳ ବଳପ୍ରୟୋଗ ଦ୍ୱାରା ପ୍ରତିବାଦକାରୀଙ୍କୁ ଦମନ ନକରି ପ୍ରତିବାଦକାରୀ ନେତାଙ୍କ ସହିତ ଯୋଗାଯୋଗ ଆରମ୍ଭ କରିଥିଲେ । ଗୋଟିଏ ନିରପେକ୍ଷ ସଚ୍ଚୋଟ ଅନୁଷ୍ଠାନ ଭାବରେ ନିଜର ଦାୟିତ୍ୱ ପ୍ରତିପାଦନ ପୂର୍ବକ ସାମାଜିକ ଗଣମାଧ୍ୟମ ସହାୟତାରେ ପ୍ରତିବାଦକାରୀ ଓ ସାଧାରଣ ଜନତାଙ୍କ ମତାମତ ଗ୍ରହଣ କରି ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କିଙ୍କ ଭଳି ଜଣେ ଦୁର୍ନୀତିକୁ ବିରୋଧ କରୁଥିବା ନ୍ୟାୟଧୀଶଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବରେ ଶପଥପାଠ କରାଇ ଥିଲେ । ନେପାଳରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ କରାଇବାର ପ୍ରତିଶ୍ରୁତି ଦେଇଥିଲେ, ଯାହା ସେନାର ମହନୀୟତାକୁ ପ୍ରତିପାଦନ କରିଥିଲା । ସେନା ଧୀରେ ଧୀରେ କର୍ଫ୍ୟୁକୁ କୋହଳ କରି ନିୟନ୍ତ୍ରିତ ପରିସ୍ଥିତିରେ ଚଳପ୍ରଚଳ ପାଇଁ ରାସ୍ତାଗୁଡ଼ିକୁ ପୁଣି ଖୋଲିଥିଲା । ସାଧାରଣ ନାଗରିକଙ୍କ ଜୀବନକୁ ପୁନଃ ଚଳଚଞ୍ଚଳ କରିଥିଲା । ନାଗରିକମାନଙ୍କୁ ସୁରକ୍ଷା, ଶାନ୍ତି ପୁନଃସ୍ଥାପନ କରିବା ବିଷୟରେ ବିବୃତ୍ତି ସହିତ ସେନା ମୁଖ୍ୟଙ୍କ ଦ୍ୱାରା ସାର୍ବଜନୀନ ନିବେଦନ ଦ୍ୱାରା ସାମରିକ ନୀତିନିୟମକୁ ପ୍ରଚାର କରାଯାଇଥିଲା । ଆତଙ୍କକୁ ପ୍ରଶମିତ କରିବାରେ ସାହାଯ୍ୟ କରିଥିଲା । ଯାହା ଯୁବ ପ୍ରତିବାଦକାରୀଙ୍କ ସହିତ ସେନା ମଧ୍ୟସ୍ଥି ଏବଂ ଆଲୋଚନାକାରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲା । ଗୋଟିଏ ପଟରେ ନିଜର ସୁଚିନ୍ତିତ ବଳପ୍ରୟୋଗ ଦ୍ୱାରା ନେପାଳର ଧନଜୀବନ ରକ୍ଷାର ଦାୟିତ୍ୱ, ଅନ୍ୟପଟରେ ଶାନ୍ତି ପାଇଁ ଆନ୍ଦୋଳନକାରୀଙ୍କ ସହିତ ବୁଝାମଣା ପରି ଦ୍ୱୈତ ଭୂମିକା ଶାନ୍ତିର ପୁନଃସ୍ଥାପନ ନିମିତ୍ତ ଆଲୋଚନାକୁ ଜୀବନ୍ତ ରଖିବାରେ ସାହାଯ୍ୟ କରିଥିଲା । ବିମାନ ବନ୍ଦରର ନିୟନ୍ତ୍ରଣ ନେବା ଏବଂ ସଶସ୍ତ୍ର କିମ୍ବା ଅସାମାଜିକ ଓ ରାଜନୈତିକ ବ୍ୟକ୍ତିଙ୍କୁ ଅଟକ ରଖିବା ଦ୍ୱାରା ଗଣ୍ଡଗୋଳ ବୃଦ୍ଧି ପାଇଁ ରାସ୍ତା ବନ୍ଦ ହୋଇଗଲା । ନାଗରିକ ଏବଂ ରାଜନୈତିକ ବ୍ୟକ୍ତି ଉଭୟଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହେଲା । ଦ୍ରୁତ ନିୟୋଜନ, ବଳପୂର୍ବକ ନିୟନ୍ତ୍ରଣ, ଖୋଲା ଆଲୋଚନାକୁ ମିଶ୍ରଣ କରି ସେମାନେ ଏକ ପ୍ରକାର ଶୃଙ୍ଖଳାର ପୁନଃସ୍ଥାପିତ କରିପାରିଲେ ଏବଂ ନାଗରିକ ଶାସନର ପତନକୁ ରୋକି ପାରିଲେ ।



ସଂସାଧନ ବ୍ୟକ୍ତି,
ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର,
ଭାରତ ସରକାର, ମୋ- ୯୪୩୭୧୨୩୮୯୨

# ନେପାଳର ଗଣତାନ୍ତ୍ରିକ ଭବିଷ୍ୟତ




ହିମାଳୟ ଏବଂ ମାଉଣ୍ଟ ଏଭରେଷ୍ଟର ଦେଶ ନେପାଳ ଆଜି ପରିବର୍ତ୍ତନର ଝଡ଼ ଦେଇ ଗତି କରୁଛି । ଏହା ବର୍ଷା କିମ୍ବା ପବନର ଝଡ଼ ନୁହେଁ, ବରଂ ଏହା ଯୁବକମାନଙ୍କ ନେତୃତ୍ୱରେ ଆସିଥିବା ପରିବର୍ତ୍ତନର ଝଡ଼ । ଜେନ୍ ଜି- ଏହି ନୂତନ ପିଢ଼ି ଗଣତନ୍ତ୍ରକୁ ପୁଣି ଥରେ ମଜଭୁତ କରିବା ପାଇଁ ସଂକଳ୍ପବଦ୍ଧ । ଗତ କିଛି ଦିନ ମଧ୍ୟରେ ନେପାଳର ଯୁବବର୍ଗ ସ୍ପଷ୍ଟ କରିଦେଇଛନ୍ତି ଯେ, ସେମାନେ ଆଉ ଦୁର୍ନୀତି, ସ୍ୱଜନପୋଷଣ ଏବଂ ରାଜନୈତିକ ଅସ୍ଥିରତା ଆଗରେ ଚୁପ୍ ହୋଇ ବସିବେ ନାହିଁ । ସେମାନେ ରାସ୍ତାକୁ ଓହ୍ଲାଇଛନ୍ତି ଏବଂ ଅନ୍‌ଲାଇନ୍‌ରେ ମଧ୍ୟ ସ୍ୱର ଉଠାଉଛନ୍ତି । ସେମାନେ ଏପରି ଏକ ସରକାର ଦାବି କରୁଛନ୍ତି, ଯିଏ ଜନତାଙ୍କ ସମସ୍ୟା କଥା ଶୁଣିବ ଓ ସମାଧାନର ବାଟ ବାହାର କରିବ ।



କମଳାକାନ୍ତ ଦାଶ

୨୦୨୫ ମସିହା ସେପ୍ଟେମ୍ବର ଆରମ୍ଭରେ ନେପାଳ ସରକାର ୨୬ଟି ସୋସିଆଲ୍ ମିଡିଆ ଆପ୍ ଉପରେ ପ୍ରତିବନ୍ଧ ଲଗାଇଲେ, ଯେଉଁଥିରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଏବଂ ଡିସ୍କର୍ଡ ସାମିଲ ଥିଲା । ନେପାଳର ଯୁବବର୍ଗଙ୍କ ପାଇଁ ଏଗୁଡ଼ିକ କେବଳ ମନୋରଞ୍ଜନର ମାଧ୍ୟମ ନଥିଲା; ସେମାନଙ୍କ ଶ୍ରେଣୀଗୃହ, ସର୍ବସାଧାରଣ ମଞ୍ଚ ଏବଂ ବିଚାର-ବିମର୍ଶର ସ୍ଥାନ ଥିଲା । ଏହି ପ୍ରତିବନ୍ଧକ ଏମିତି ଲାଗିଲା ଯେମିତି କେହି ସେମାନଙ୍କ ସ୍ୱର ଛଡ଼ାଇ ନେଇଛି । ଏହି ସମୟରେ "ନେପୋ କିଡ୍ସ" ନାମକ ଏକ ବିତର୍କ ସୋସିଆଲ୍ ମିଡିଆରେ ଚାଲିଥିଲା । ଯେତେବେଳେ ନେପାଳର ହଜାର ହଜାର ଯୁବକ ରୋଜଗାର ପାଇଁ ସଂଘର୍ଷ କରୁଥିଲେ କିମ୍ବା ବିଦେଶ ଯିବାକୁ ବାଧ୍ୟ ହେଉଥିଲେ, ସେଇ ସମୟରେ ନେତାମାନଙ୍କ ପିଲାମାନେ ବିଳାସପୂର୍ଣ୍ଣ ଜୀବନ, ମହଙ୍ଗା ଗାଡ଼ି, ବିଦେଶ ଯାତ୍ରା, ବଡ଼ ବଡ଼ ଘରେ ରହୁଥିବା ଦେଖା ଯାଉଥିଲା । ତେଣୁ ପ୍ରତିଷ୍ଠିତ ରାଜନେତା, ଉଚ୍ଚପଦାଧିକାରୀଙ୍କ ସନ୍ତାନସନ୍ତତିଙ୍କ ବିଳାସପୂର୍ଣ୍ଣ ଜୀବନ ଶୈଳୀକୁ ନେଇ ନେପାଳର ବେକାର ଯୁବବର୍ଗଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା ।

## ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ




କିଛି ଦିନ ମଧ୍ୟରେ ନେପାଳର ହଜାର ହଜାର ଯୁବକ କାଠମାଣ୍ଡୁ ଏବଂ ଅନ୍ୟାନ୍ୟ ସହରର ରାସ୍ତାକୁ ଓହ୍ଲାଇ ଆସିଲେ। ସେମାନେ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ ଏବଂ ନ୍ୟାୟ ଦାବି କରିଥିଲେ। ଆରମ୍ଭରେ ପ୍ରଦର୍ଶନ ଶାନ୍ତିପୂର୍ଣ୍ଣ ଥିଲା, କିନ୍ତୁ ଯେତେବେଳେ ପୋଲିସ୍ ବଳ ପ୍ରୟୋଗ କଲା, ଆନ୍ଦୋଳନକାରୀଙ୍କ ଭିତରେ କ୍ରୋଧ ବଢ଼ିବାରେ ଲାଗିଲା । କିଛି ବିକ୍ଷୋଭକାରୀ ସରକାରୀ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କଲେ । ସଂଘୀୟ ସଂସଦ ପରିସରର କିଛି ଅଂଶ ଏବଂ ଅନେକ ସରକାରୀ କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଲେ। ସଂଘର୍ଷରେ ସତୁରୀରୁ ଅଧିକ ଲୋକ ମୃତ୍ୟୁବରଣ କଲେ, ମୃତକଙ୍କ ମଧ୍ୟରେ ଆନ୍ଦୋଳନକାରୀ ଏବଂ ପୋଲିସ୍ ଥିଲେ। ସେହିପରି ଦୁଇ ହଜାରରୁ ଅଧିକ ଲୋକ ଆହତ ହେଲେ। ସେପ୍ଟେମ୍ବର ୧୬ରେ ମୃତକଙ୍କ ପରିବାରବର୍ଗ କାଠମାଣ୍ଡୁରେ ନିଜ ପ୍ରିୟଜନଙ୍କ ଶେଷକୃତ୍ୟ କରିବାକୁ ଏକାଠି ହୋଇଥିଲେ । ଯୁବଗୋଷ୍ଠୀ ପରିବର୍ତ୍ତନର ଆଶାରେ ଘର ଛାଡ଼ିଥିଲେ, କିନ୍ତୁ ଆଉ ଫେରିଲେ ନାହିଁ।





## ଏକ ଗୁରୁତ୍ୱପୂର୍ଣ୍ଣ ନୂଆ ଯୁଗ

ରାଜନୈତିକ ସଙ୍କଟ ସେତେବେଳେ ଗମ୍ଭୀର ହେଲା ଯେତେବେଳେ ନେପାଳର ତତ୍କାଳୀନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଇସ୍ତଫା ଦେଲେ । ଦେଶକୁ ଜଣେ ବିଶ୍ୱସନୀୟ ନେତା ଦରକାର ଥିଲା, ଯିଏ ଏହି ଅଶାନ୍ତି ମଧ୍ୟରେ ଦେଶକୁ ନୂଆ ଦିଶା ଦେଇପାରିବେ ।



ଏକ ଐତିହାସିକ ମୁହୂର୍ତ୍ତରେ, ଯୁବ କାର୍ଯ୍ୟକର୍ତ୍ତା ଏବଂ ନାଗରିକ ଗୋଷ୍ଠୀ ପୁଣି ଥରେ ପ୍ରଯୁକ୍ତିବିଦ୍ୟାର ସାହାଯ୍ୟ ନେଲେ । ଏଥର ଇଣ୍ଟରନେଟରେ ଅନ୍‌ଲାଇନ୍ ପୋଲ୍, ଏପରିକି ଗେମିଂ ଆପ୍ ଡିସ୍କର୍ଡର ବ୍ୟବହାର କରି ଅନ୍ତରୀଣ ନେତାଙ୍କ ନାମ ପ୍ରସ୍ତାବ ଦେଲେ । ସେମାନେ ନ୍ୟାୟମୂର୍ତ୍ତି ସୁଶୀଳା କାର୍କି, ନେପାଳର ପ୍ରଥମ ମହିଳା ମୁଖ୍ୟ ବିଚାରପତିଙ୍କୁ ମନୋନୀତ କଲେ । ଦୁର୍ନୀତି ବିରୁଦ୍ଧରେ ନିଜ ସଂଘର୍ଷ ପାଇଁ ସୁଶୀଳା ନେପାଳର ଘରେ ଘରେ ଜଣାଶୁଣା । ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ତାଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତ କଲେ ।



## ଗଣତାନ୍ତ୍ରିକ ଯାତ୍ରା

ନେପାଳର ଗଣତାନ୍ତ୍ରିକ ଯାତ୍ରା କେବେ ହେଲେ ସହଜ ରହି ନାହିଁ । ୨୦୦୮ ମସିହାରେ ରାଜତନ୍ତ୍ର ସମାପ୍ତ ହେବା ପରେ, ଦେଶ ଦୁଇ ଦଶନ୍ଧିରୁ କମ୍ ସମୟରେ ପନ୍ଦରରୁ ଅଧିକ ସରକାର ଦେଖିଛି। ଦୁର୍ନୀତି, ରାଜନୈତିକ ଛକାପଞ୍ଝା ଏବଂ ଅଳ୍ପ ସମୟର ମେଣ୍ଟ ଜନତାଙ୍କ ଗଣତନ୍ତ୍ରରେ ବିଶ୍ୱାସକୁ ଦୁର୍ବଳ କରିଛି। ଜେନ୍ ଜି ଆନ୍ଦୋଳନ ଦେଖାଉଛି ଯେ, ନାଗରିକ, ବିଶେଷ କରି ଯୁବବର୍ଗ, ଆଉ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସଂସ୍କାରର ଅପେକ୍ଷା କରିବେ ନାହିଁ। ସେମାନେ ସ୍ୱଚ୍ଛତା, ସମ୍ମାନ ସହ ଏପରି ଏକ ସରକାର ଚାହାଁନ୍ତି, ଯିଏ ସମସ୍ତଙ୍କ ପାଇଁ କାମ କରିବ, କେବଳ କିଛି ଶକ୍ତିଶାଳୀ ବ୍ୟକ୍ତି ବା ପରିବାର ପାଇଁ ନୁହେଁ।

ଆଗାମୀ ଭବିଷ୍ୟତ ନିର୍ଣ୍ଣୟ କରିବ ଯେ, ନେପାଳର ଗଣତନ୍ତ୍ର ପୁଣି ଥରେ ମଜଭୁତ ହୋଇପାରିବ କି ନାହିଁ। ଯଦି ଅନ୍ତରୀଣ ସରକାର ନିର୍ଦ୍ଦିଷ୍ଟ ସମୟରେ ନିରପେକ୍ଷ ନିର୍ବାଚନ କରାଇପାରନ୍ତି, ପୀଡ଼ିତମାନଙ୍କୁ ନ୍ୟାୟ ଦେଇପାରନ୍ତି ଏବଂ ଯୁବବର୍ଗଙ୍କୁ ଆଶା ସହିତ ଯୋଡ଼ି ରଖିପାରନ୍ତି, ତେବେ ଏକ ମଜଭୁତ ନେପାଳ ଗଠନ ହୋଇପାରିବ। ନଚେତ୍ କ୍ରୋଧ ପୁଣି ଥରେ ବଢ଼ିପାରେ ଏବଂ ଦେଶ ପୁଣି ସଙ୍କଟରେ ପଡ଼ିପାରେ।



## ଅନ୍ତରୀଣ ସରକାରଙ୍କ ପାଇଁ ଆହ୍ୱାନ

ନେପାଳରେ ଶାନ୍ତି ଫେରାଇ ଆଣିବା, ଦେଶକୁ ଏହି କଠିନ ସମୟରୁ ବାହାର କରିବା ଏବଂ ୫ ମାର୍ଚ୍ଚ ୨୦୨୬ରେ ସ୍ୱାଧୀନ ଏବଂ ନିରପେକ୍ଷ ନିର୍ବାଚନ କରାଇବା ଅନ୍ତରୀଣ ସରକାରଙ୍କ ପାଇଁ ଆହ୍ୱାନ ପାଲଟିଛି। ବର୍ତ୍ତମାନ ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ଏକ ଛୋଟ, ବୈଷୟିକ ଦୃଷ୍ଟିକୋଣ ଥିବା ମନ୍ତ୍ରୀମଣ୍ଡଳ ଗଠନ କରିଛନ୍ତି। ନେପାଳର ଦୀର୍ଘ ସମୟର ବିଦ୍ୟୁତ୍ କାଟ୍ ସମାପ୍ତ କରିଥିବା କୁଲମାନ ଘିସିଂ ଶକ୍ତି ମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି। ସେହିପରି ଦୁର୍ନୀତି-ବିରୋଧୀ ଓକିଲ ଓମ୍ ପ୍ରକାଶ ଆର୍ଯ୍ୟାଲ ଗୃହ ମନ୍ତ୍ରୀ ଅଛନ୍ତି। ଅର୍ଥ ବିଶେଷଜ୍ଞ ରାମେଶ୍ୱର ଖନାଲଙ୍କୁ ଅର୍ଥନୀତି ବିଭାଗର ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ସମୟ ନେପାଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନ୍ତରୀଣ ସରକାର ଏକ କ୍ରୋଧିତ କିନ୍ତୁ ଆଶାବାଦୀ ପିଢ଼ିର ଆଶାକୁ ନିଜ କାନ୍ଧରେ ବୋହି ଚାଲିଛି। ସେମାନଙ୍କୁ ଆଇନ ଶୃଙ୍ଖଳା, ଶାନ୍ତି ଏବଂ ସାମାଜିକ ନ୍ୟାୟ ମଧ୍ୟରେ ସନ୍ତୁଳନ ରଖିବାକୁ ହେବ, ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ବିଶ୍ୱାସ ଫେରାଇ ଆଣିବାକୁ ହେବ ଏବଂ ଏହା ପ୍ରମାଣ କରିବାକୁ ହେବ ଯେ, ସର୍ବସାଧାରଣ ପଦ ଲୋକଙ୍କ ସେବା ପାଇଁ ଉଦ୍ଦିଷ୍ଟ; ନିଜର ସୁଖ ସୁବିଧା ପାଇଁ ନୁହେଁ। ସମସ୍ତ ଦଳର ରାଜନୈତିକ ନେତାମାନଙ୍କୁ ଏବେ ଏହି ସ୍ପଷ୍ଟ ସନ୍ଦେଶ ମିଳିସାରିଛି, ସେମାନେ ଆଉ ଯୁବବର୍ଗଙ୍କୁ ହାଲୁକା ଭାବରେ ନେଇପାରିବେ ନାହିଁ।



## ଭାରତ-ନେପାଳ ସଂପର୍କ

ନେପାଳର ସବୁଠାରୁ ନିକଟତମ ପଡ଼ୋଶୀ ଏବଂ ଭାଗୀଦାର ରାଷ୍ଟ୍ର ଭାରତ। ଆନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କ ନିଯୁକ୍ତିକୁ ଭାରତ ସ୍ୱାଗତ କରିଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ଶାନ୍ତି ଫେରାଇ ଆଣିବାରେ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ନେପାଳ ସହିତ ଭାରତର ଗଭୀର ଐତିହାସିକ, ସାଂସ୍କୃତିକ ଏବଂ ଆର୍ଥିକ ସମ୍ପର୍କ ଅଛି। ତେଣୁ ଭାରତ ନିଜ ପଡ଼ୋଶୀକୁ ସ୍ଥିର ଏବଂ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଦେଖିବାକୁ ଚାହେଁ। ନୂଆଦିଲ୍ଲୀର ପର୍ଯ୍ୟବେକ୍ଷକମାନେ କୁହନ୍ତି ଯେ, ସହଯୋଗ ଏମିତି ହେବା ଉଚିତ ଯାହା ନେପାଳର ସ୍ୱାଧୀନତାର ସମ୍ମାନ କରିବ ଏବଂ ତା'ର ନାଗରିକମାନଙ୍କୁ ନିଜ ବାଟ ବାଛିବାର ସୁଯୋଗ ଦେବ।



## ଜାତୀୟ ଶୋକ

୨୦୨୫ ସେପ୍ଟେମ୍ବର ୧୭ ତାରିଖରେ ନେପାଳ ଜାତୀୟ ଶୋକ ଦିବସ ପାଳନ କରିଛି। ଜାତୀୟ ପତାକା ଅଧା ନଇଁ ରହିଲା ଏବଂ ଦେଶ ସେହି ଲୋକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା, ଯେଉଁମାନେ ବିକ୍ଷୋଭ ପ୍ରଦର୍ଶନ ସମୟରେ ନିଜ ଜୀବନ ହରାଇଥିଲେ। ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ପୀଡ଼ିତ ପରିବାରମାନଙ୍କୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଲେ। ସେମାନଙ୍କ ସ୍ମୃତିରେ ଏକ ପାର୍କ ନିର୍ମାଣ କରିବାର ଘୋଷଣା କଲେ। ସେହିପରି ହିଂସାର ନ୍ୟାୟିକ ତଦନ୍ତର ଆଦେଶ ଦେଇ ତା'ର ରିପୋର୍ଟ ସର୍ବସାଧାରଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।





## ଏକ ନୂଆ ସକାଳର ଅପେକ୍ଷା

କାଠମାଣ୍ଡୁର ଉପତ୍ୟକାରୁ ଆରମ୍ଭ କରି ପୋଖରା ପାହାଡ଼ ପର୍ଯ୍ୟନ୍ତ, ଏକ ନୂଆ ବାତାବରଣ ସୃଷ୍ଟି ହେଉଛି। ତେବେ ବିକ୍ଷୋଭ ପ୍ରଦର୍ଶନ ଯନ୍ତ୍ରଣାର ସ୍ୱର ଥିଲା, କିନ୍ତୁ ଆଶାର ସଙ୍କେତ ମଧ୍ୟ ଥିଲା। ନେପାଳର ଯୁବବର୍ଗ ଦେଖାଇ ଦେଇଛନ୍ତି ଯେ, ଗଣତନ୍ତ୍ର କେବଳ ବଡ଼ କିମ୍ବା ଅଭିଜାତବର୍ଗଙ୍କ ସମ୍ପତ୍ତି ନୁହେଁ – ଏହା ପ୍ରତ୍ୟେକ ନାଗରିକଙ୍କ ଅଧିକାର। ସେମାନେ ଡିଜିଟାଲ୍ ମାଧ୍ୟମର ଉପଯୋଗ କଲେ। ସେମାନଙ୍କ ସାହସ ମନେ ପକାଇଦିଏ ଯେ, ଗଣତାନ୍ତ୍ରିକ ନବୀକରଣ ଅଧିକାଂଶ ସମୟରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ ହୁଏ, ଯେଉଁମାନେ ଉନ୍ନତ ଭବିଷ୍ୟତର ସ୍ୱପ୍ନ ଦେଖିବାର ସାହସ ରଖନ୍ତି।

ଆଗକୁ ବାଟ ସହଜ ହେବ ନାହିଁ। ନିର୍ବାଚନ କରାଇବା, ପୀଡ଼ିତ ପରିବାରମାନଙ୍କୁ ନ୍ୟାୟ ଦେବା ଏବଂ ସେପ୍ଟେମ୍ବରର କ୍ଷତ ଭରଣ କରିବା ଜରୁରି। ଫଳରେ ବିଦ୍ରୋହର ପାଉଁଶରୁ ଏକ ଦାୟିତ୍ୱବାନ ନେପାଳ ଉଭା ହୋଇପାରିବ। ହିମାଳୟ ଦେଶରେ ଯେଉଁ ଘଟଣା ଉଗ୍ର ରୂପ ନେଇଥିଲା, ତାହା କେବଳ ବିରୋଧର ଘଟଣା ନୁହେଁ; ଏହା ଜାଗରଣର କାହାଣୀ। ଏହା ସେହି ପିଢ଼ିର କାହାଣୀ, ଯିଏ ଗଣତନ୍ତ୍ରର ପ୍ରତିଶ୍ରୁତିରୁ ପଛକୁ ହଟିବାକୁ ପ୍ରସ୍ତୁତ ନୁହେଁ। ■

ବୈଦେଶିକ ବ୍ୟାପାର ବିଶେଷଜ୍ଞ
ଭୁବନେଶ୍ୱର



ଡକ୍ଟର ଦିନେଶ କୁମାର ନାୟକ

# ଭାରତ-ନେପାଳ ବାଣିଜ୍ୟିକ ସମ୍ପର୍କ

ନେପାଳ ଓ ଭାରତର ବାଣିଜ୍ୟିକ ସମ୍ପର୍କ ଗଭୀର ଭାବେ ଜଡ଼ିତ। ୨୦୨୪-୨୫ ମସିହା ସୁଦ୍ଧା ଉଭୟ ଦେଶର ଦ୍ୱିପାକ୍ଷିକ ବାଣିଜ୍ୟ ୮.୬୭ ବିଲିୟନ ଡଲାରରେ ପହଞ୍ଚିଛି। ନେପାଳର ମୋଟ ବାଣିଜ୍ୟର ୬୪.୧% ଭାରତ ଅଂଶୀଦାର। ନେପାଳ ପେଟ୍ରୋଲିୟମ ଉତ୍ପାଦ, ଖାଦ୍ୟଶସ୍ୟ ଏବଂ ଯନ୍ତ୍ରପାତି ସମେତ ଅତି ଆବଶ୍ୟକ ଜିନିଷ ଆମଦାନୀ ପାଇଁ ଭାରତ ଉପରେ ନିର୍ଭର କରେ। ସେପଟେ ଭାରତକୁ କୃଷି ସାମଗ୍ରୀ, ବସ୍ତ୍ର ଏବଂ ଜଳବିଦ୍ୟୁତ ରପ୍ତାନି କରେ। ନେପାଳରେ ସାମ୍ପ୍ରତିକ ରାଜନୈତିକ ଅସ୍ଥିରତା ଭାରତ ସହିତ ବାଣିଜ୍ୟ ସମ୍ପର୍କକୁ ପ୍ରଭାବିତ କରିବ। ରାଜନୈତିକ ପରିବର୍ତ୍ତନ, ସାମାଜିକ ଅଶାନ୍ତି, ଭାରତର ଖୋଲା ସୀମା ଏବଂ ନେପାଳ ସହିତ ବିଶେଷ ସମ୍ପର୍କକୁ ବଜାୟ ରଖିବା ପାଇଁ ଉଭୟ ସୁଯୋଗ ଏବଂ ଦୁର୍ବଳତା ସୃଷ୍ଟି କରେ।



## ବାଣିଜ୍ୟ ବାଧା ଏବଂ କ୍ଷେତ୍ରୀୟ ପ୍ରଭାବ

ଭାରତର ଅର୍ଥନୀତି ନେପାଳ ସହିତ ଦ୍ୱିପାକ୍ଷିକ ବାଣିଜ୍ୟରେ ଗୁରୁତ୍ୱପୂର୍ଣ୍ଣ ବାଧା ସୃଷ୍ଟି କରୁଛି। ଫଳରେ ଏପ୍ରିଲ-ସେପ୍ଟେମ୍ବର ୨୦୨୪-୨୫ ମଧ୍ୟରେ ୮.୬୭ ବିଲିୟନ ଡଲାରରେ ପହଞ୍ଚିଥିଲା। ନିର୍ଦ୍ଦିଷ୍ଟ ପ୍ରଭାବଗୁଡ଼ିକ ମଧ୍ୟରେ ନିମ୍ନ ଲିଖିତ ଅନ୍ତର୍ଭୁକ୍ତ ଅଟେ।

**ରପ୍ତାନି କ୍ଷତି**: ନେପାଳକୁ ବାର୍ଷିକ ପ୍ରାୟ ୭.୩ ବିଲିୟନ ଡଲାର ଭାରତୀୟ ସାମଗ୍ରୀ ରପ୍ତାନି ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ପ୍ରମୁଖ ପ୍ରଭାବିତ କ୍ଷେତ୍ରଗୁଡ଼ିକ ମଧ୍ୟରେ ଖଣିଜ ଇନ୍ଧନ (୨.୧ ବିଲିୟନ ଡଲାର), ଲୁହା ଏବଂ ଇସ୍ପାତ (୭୮୨ ନିୟୁତ ଡଲାର), ଯନ୍ତ୍ରପାତି, ଯାନବାହନ, ଇଲେକ୍ଟ୍ରୋନିକ୍ସ, ଶସ୍ୟ, ପ୍ଲାଷ୍ଟିକ୍ ଏବଂ ଔଷଧ ଅନ୍ତର୍ଭୁକ୍ତ ଅଟେ। ବିହାର ଏବଂ ଉତ୍ତର ପ୍ରଦେଶ ଭଳି ସୀମାନ୍ତ ରାଜ୍ୟଗୁଡ଼ିକ ସୀମାପାର ବାଣିଜ୍ୟ ବାଧା ଯୋଗୁଁ ସାମୟିକ କ୍ଷତିର ସମ୍ମୁଖୀନ ହେବେ।

**ଦେୟ ଅନିଶ୍ଚିତତା** : ଭାରତୀୟ ରପ୍ତାନିକାରୀମାନେ ନେପାଳୀ ଆମଦାନୀକାରୀମାନଙ୍କ ଦ୍ୱାରା ବ୍ୟାଙ୍କ ସେବା ପାଇପାରୁ ନଥିବାରୁ କିମ୍ବା ମୁଦ୍ରା ସମସ୍ୟାର ସମ୍ମୁଖୀନ ହେଉଥିବାରୁ ପେମେଣ୍ଟ ବିଳମ୍ବ ହେବାର ସମ୍ଭାବନା ରହିଛି।




## ନେପାଳର ସଙ୍କଟ: ପରିଣାମ ଏବଂ ଅର୍ଥନୈତିକ ପ୍ରଭାବ

ନେପାଳରେ ରାଜନୈତିକ ଅସ୍ଥିରତାର ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିବ। ନେପାଳ ଅଧିକାଂଶ ଆମଦାନୀ ପାଇଁ ଭାରତ ଦେଇ ସୁଗମ ପରିବହନ ଉପରେ ନିର୍ଭର କରେ। ଦେଶରେ ବିକ୍ଷୋଭ ପ୍ରଦର୍ଶନ ଏବଂ ପରବର୍ତ୍ତୀ କର୍ଫ୍ୟୁ ପ୍ରମୁଖ ବାଣିଜ୍ୟ କରିଡର୍‌ଗୁଡ଼ିକକୁ ଅଚଳ କରିଦେଇଛି।



**ସୀମା ବନ୍ଦ**: ରକ୍ସୌଲ-ବୀରଗଞ୍ଜ ଏବଂ ସୁନାଉଲି-ଭୈରହୱା ଭଳି ପ୍ରମୁଖ ସୀମା କ୍ରସିଂଗୁଡ଼ିକ ପ୍ରତିବାଦ ଏବଂ ଧର୍ମଘଟ ଯୋଗୁଁ ଗୁରୁତର ବାଧାପ୍ରାପ୍ତ ହୋଇଛି। ବ୍ୟବସାୟୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ ଘୋଷଣା କରିଛନ୍ତି, ଯାହା ଫଳରେ ସୀମାନ୍ତ ସ୍ଥାନରେ ଟ୍ରକ୍‌ଗୁଡ଼ିକ ଫସି ରହିଛି। ବିଭିନ୍ନ ସାମଗ୍ରୀ ନଷ୍ଟ ହେବା ସହିତ ଗୁଣବତ୍ତାରେ ଅବନତି ହେଉଛି।



**ସାମଗ୍ରୀ ଅଭାବ**: ନେପାଳ ଏହାର ୯୦% ରୁ ଅଧିକ ବୈଦେଶିକ ବାଣିଜ୍ୟ ମୁଖ୍ୟତଃ ଭାରତରୁ ଆମଦାନୀ କରେ, ଯେଉଁଥିରେ ପେଟ୍ରୋଲିୟମ୍, ଖାଦ୍ୟ ଏବଂ ଔଷଧ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଅନ୍ତର୍ଭୁକ୍ତ। ବର୍ତ୍ତମାନର ଦେଶରେ ଅଶାନ୍ତ ପରିସ୍ଥିତି ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯଦି ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ପରିଲକ୍ଷିତ ହୁଏ, ତେବେ ଜନସାଧାରଣଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବ।



**ବିମାନ କାର୍ଗୋ ନିଲମ୍ବନ**: ସୁରକ୍ଷା ଦୃଷ୍ଟିରୁ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ବିମାନ କାର୍ଗୋ ସେବା ମଧ୍ୟ ବନ୍ଦ କରାଯାଇଛି। ଫଳରେ ଅଧିକ ମୂଲ୍ୟର ସାମଗ୍ରୀର ପରିବହନକୁ ବନ୍ଦ କରିଦିଆଯାଇଛି। ଯାହା ଯୋଗାଣ ଶୃଙ୍ଖଳାକୁ ଆହୁରି ଜଟିଳ କରିଦେଇଛି।



## ନିବେଶ ପ୍ରକାଶନ ଏବଂ ପ୍ରକଳ୍ପ ବିଳମ୍ବ

ନେପାଳରେ ଭାରତୀୟ ବ୍ୟବସାୟଗୁଡ଼ିକର ଯଥେଷ୍ଟ ନିବେଶ ଅଛି। ଭାରତୀୟ ଉଦ୍ୟୋଗ ନେପାଳର ମୋଟ ପ୍ରତ୍ୟକ୍ଷ ବିଦେଶୀ ନିବେଶରୁ ଅଧିକ ଅଟେ। ଏହି ନିବେଶଗୁଡ଼ିକ ଉତ୍ପାଦନ, ଦୂରସଂଚାର, ଶକ୍ତି ଏବଂ ସେବା କ୍ଷେତ୍ରରେ ଅଛି।

**ପ୍ରକଳ୍ପ ସ୍ଥଗିତ** : ସୁରକ୍ଷା ଚିନ୍ତା, କର୍ମଚାରୀ ଏବଂ ଉପକରଣ ସ୍ଥାନାନ୍ତର କରିବାରେ ଅସମର୍ଥତା ହେତୁ ଚାଲୁଥିବା ପ୍ରକଳ୍ପଗୁଡ଼ିକ କାର୍ଯ୍ୟ ବନ୍ଦ ରହିବାର ଆଶଙ୍କା କରାଯାଉଛି। ଏହା ବିଶେଷ କରି ଶକ୍ତି ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକକୁ ପ୍ରଭାବିତ କରିବ। ଯେଉଁଠାରେ ଭାରତୀୟ କମ୍ପାନୀଗୁଡ଼ିକ ପ୍ରମୁଖ ଭାବେ କାର୍ଯ୍ୟରତ ସେଠାରେ ପ୍ରକଳ୍ପ ପ୍ରଭାବିତ ହେବାର ସମ୍ଭାବନା ରହିଛି।

**ସୁରକ୍ଷା ଚିନ୍ତା** : ରାଜନୈତିକ ପ୍ରତୀକ ଏବଂ ଭିତ୍ତିଭୂମିକୁ ଟାର୍ଗେଟ କରିବା ବ୍ୟବସାୟିକ ସମ୍ପତ୍ତି ପାଇଁ ବିପଦ ବଢ଼ାଇଥାଏ। ପ୍ରତିବାଦକାରୀମାନେ ବରିଷ୍ଠ ରାଜନେତାଙ୍କ ଘର ଏବଂ ସଂସଦ ସମେତ ସରକାରୀ କୋଠା ପୋଡ଼ି ଦେଇଥିଲେ, ଯାହା ଫଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତକୁ ନେଇ ଚିନ୍ତାଜନକ ପରିସ୍ଥିତି ରହିଛି।

## ଶକ୍ତି କ୍ଷେତ୍ର ସହଯୋଗର ଅସୁବିଧା

ଭାରତ ଏବଂ ନେପାଳ ମଧ୍ୟରେ ଶକ୍ତି ସହଭାଗିତା ଆର୍ଥିକ ସହଯୋଗର ସବୁଠାରୁ ପ୍ରତିଶ୍ରୁତିପୂର୍ଣ୍ଣ କ୍ଷେତ୍ର ଗୋଟିଏକୁ ପ୍ରତିନିଧିତ୍ୱ କରେ, କିନ୍ତୁ ଏବେ ଏଥିରେ ଯଥେଷ୍ଟ ବିଳମ୍ବ ହେବାର ଆଶଙ୍କା ରହିଛି।

**ଜଳବିଦ୍ୟୁତ ପ୍ରକଳ୍ପ** : ପ୍ରମୁଖ ପ୍ରକଳ୍ପ ନିର୍ମାଣ ବିଳମ୍ବ ହୋଇପାରେ। ଏହି ବିଳମ୍ବ ଭାରତକୁ ବିଦ୍ୟୁତ୍ ରପ୍ତାନି ପାଇଁ ସମୟସୀମାକୁ ପଛକୁ ଠେଲିଦେବ। ଯାହା ଭାରତର ନବୀକରଣୀୟ ଶକ୍ତି ଯୋଜନାକୁ ପ୍ରଭାବିତ କରିବ।

**ପରିବହନ ଭିତ୍ତିଭୂମି** : ନେପାଳରେ ରାଜନୈତିକ ଅନିଶ୍ଚିତତା ଯୋଗୁଁ ଢୋଢୋଧାରା-ବରେଲି ଏବଂ ଇନାରୁୱା-ପୂର୍ଣ୍ଣିଆ ଲାଇନ ଭଳି ସୀମାପାର ପରିବହନ ଲାଇନ ବିକାଶ ପାଇଁ କାର୍ଯ୍ୟକାରୀ କରିବାରେ ବିଳମ୍ବ ହୋଇପାରେ।

**ଆଞ୍ଚଳିକ ଶକ୍ତି ବାଣିଜ୍ୟ** : ଜୁନ୍ ୨୦୨୫ ମସିହାରେ ବାଂଲାଦେଶକୁ ନେପାଳ ପ୍ରଥମ ଥର ପାଇଁ ବିଦ୍ୟୁତ୍ ରପ୍ତାନି (ଭାରତର ଗ୍ରୀଡ୍ ମାଧ୍ୟମରେ ୪୦ ଗଡ) ଆଞ୍ଚଳିକ ଶକ୍ତି ସହଯୋଗରେ ଏକ ମାଇଲଖୁଣ୍ଟ ସାଜିଥିଲା। ଏପରି ପଦକ୍ଷେପଗୁଡ଼ିକ ଏବେ ବିପଦରେ ପଡ଼ିଛି, ଯାହା ଏକ ଶକ୍ତି ପରିବହନ କେନ୍ଦ୍ର ଭାବରେ ଭାରତର ଭୂମିକାକୁ ସୀମିତ କରୁଛି।

## ରାଜନୈତିକ ଅସ୍ଥିରତା ଓ ଅର୍ଥନୈତିକ ଚ୍ୟାଲେଞ୍ଜ

ନେପାଳରେ ରାଜନୈତିକ ଅସ୍ଥିରତା ଭାରତର ଅର୍ଥନୈତିକ ସମ୍ପର୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିବ। ଆଞ୍ଚଳିକ ସଙ୍କଟ ସାଧାରଣତଃ ବାଣିଜ୍ୟିକ ବାଧା, ମଧ୍ୟମକାଳୀନ ନିବେଶ ସତର୍କତା ଏବଂ ଦୀର୍ଘକାଳୀନ ରଣନୈତିକ ପୁନଃସମାୟନର କାରଣ ହୁଏ। ଭାରତ ପାଇଁ ନେପାଳ ସଙ୍କଟ ଜାତୀୟ ସାର୍ବଭୌମତ୍ୱ ପ୍ରତି ସମ୍ମାନ ସହିତ ରଣନୈତିକ ସ୍ୱାର୍ଥକୁ ସନ୍ତୁଳିତ କରୁଥିବା ସକ୍ରିୟ ସମ୍ପର୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରେ। ଏହାର ସମ୍ଭାବ୍ୟ ପ୍ରଭାବ ନିକଟ ଭବିଷ୍ୟତରେ ସବୁଠାରୁ ଗୁରୁତର ହେବ। ନେପାଳରେ ରାଜନୈତିକ ପରିସ୍ଥିତି କିପରି ବିକଶିତ ହେଉଛି ଏବଂ ଚୀନ୍ ଭାରତର ଖର୍ଚ୍ଚରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଅସ୍ଥିରତାକୁ ପୁଞ୍ଜି କରିପାରିବ କି ନାହିଁ ତାହା ଉପରେ ଦୀର୍ଘକାଳୀନ ପରିଣାମ ନିର୍ଭର କରିବ। କାରଣ, ସମୃଦ୍ଧ ଦ୍ୱିପାକ୍ଷିକ ପରିବର୍ତ୍ତନ ହାସଲ କରିବା ପାଇଁ ଯତ୍ନର ସହିତ କୂଟନୀତି, ଅର୍ଥନୈତିକ ରାଷ୍ଟ୍ରନୀତି ଏବଂ ଧୈର୍ଯ୍ୟ ଆବଶ୍ୟକ ହେବ, କାରଣ ବର୍ତ୍ତମାନର ନେପାଳ ରାଜନୈତିକ ପରିବର୍ତ୍ତନ ଦେଇ ଗତି କରୁଛି। ■


*ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାସ୍ ଆଣ୍ଡ ପଲିସୀ*
*୧୮/୨ – ସତସଙ୍ଗ ବିହାର ମାର୍ଗେ, ଜଏନ୍‌ୟୁ ପୂର୍ବ ଗେଟ୍ ନିକଟ, ନୂଆଦିଲ୍ଲୀ*
*ମୋ: ୯୬୫୦୮୬୯୨୧୪*



ଲଳିତେନ୍ଦୁ ପଲାଉରୀ

ଗୋଟିଏ ପଟେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ-ହମାସ୍ ଯୁଦ୍ଧ, ଅନ୍ୟପଟେ ୟୁକ୍ରେନ୍ ଉପରେ ରୁଷ୍ ନେଉଛି ପ୍ରତିଶୋଧ । ଦକ୍ଷିଣ ଏସିଆରେ ମଧ୍ୟ ସ୍ଥିତି ବେଶ୍ ସଙ୍ଗୀନ ରହିଛି । ବିଶ୍ୱ ଉପରେ ମହାଯୁଦ୍ଧର କଳା ବାଦଲ । ଏସିଆର ପ୍ରମୁଖ ବିକାଶଶୀଳ ଦେଶ ତଥା ଭାରତର ଚାରିପାଖେ ଥିବା ପଡ଼ୋଶୀ ଦେଶଗୁଡ଼ିକରେ ବାରମ୍ବାର ଗୃହଯୁଦ୍ଧ, ଆଭ୍ୟନ୍ତରୀଣ କନ୍ଦଳ, ରାଜନୈତିକ ଅସ୍ଥିରତା, ସରକାରଙ୍କ ପ୍ରତି ଜନତାଙ୍କ ଆକ୍ରୋଶ ଓ ସରକାରଙ୍କ ଦମନଲୀଳା କୋଟି କୋଟି ସାଧାରଣ ଜନତାଙ୍କୁ ପ୍ରଭାବିତ କରିଛି । ଭାରତର ପଡ଼ୋଶୀ ପାକିସ୍ତାନରୁ ନେପାଳ, ବାଂଲାଦେଶରୁ ଶ୍ରୀଲଙ୍କା ଓ ମିଆଁମାର ଯାଏ ଲାଗି ରହିଛି ଅସ୍ଥିରତା । ନିକଟରେ ପଡ଼ୋଶୀ ନେପାଳରେ ବାରମ୍ବାର ସରକାର ପରିବର୍ତ୍ତନ, ସୋସିଆଲ୍ ମିଡିଆ ଉପରେ ନିଷେଧାଦେଶ, ଦେଶରେ ଉତ୍କଟ ଆର୍ଥିକ ସ୍ଥିତି, ବେକାରୀ ସମସ୍ୟା ଆକ୍ରୋଶର ରୂପ ନେଇଛି । ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ଉପରେ ଦୀର୍ଘ ଦିନର ପୁଞ୍ଜିଭୂତ ଅସନ୍ତୋଷ ସୁଝାଇଛନ୍ତି ସାଧାରଣ ନେପାଳୀ ଜନତା । ଦେଶରେ ଜେନ୍–ଜେ ଏହି ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲା । ଏହି ଜେନେରେସନ୍ ଜେଡ୍ ଯୁବବର୍ଗଙ୍କ ପୁଞ୍ଜିଭୂତ ଅସନ୍ତୋଷ ସଂସଦ ଭବନରୁ ସଡ଼କ ଯାଏ ପ୍ରଭାବ ପକାଇଥିଲା । ସାରା ନେପାଳରେ ଜଳୁଥିବା ହୁତୁହୁତୁ ନିଆଁ ବିଶ୍ୱ ଦେଖିଥିଲା । ଶେଷରେ ସୁଶୀଲା କାର୍କିଙ୍କ ନେତୃତ୍ୱରେ ମଧ୍ୟବର୍ତ୍ତୀ ସରକାର ନେପାଳଙ୍କୁ ଏକ ସ୍ୱାଭାବିକ ସ୍ଥିତିକୁ ଆଣିବାକୁ ଚେଷ୍ଟା ଜାରି ରଖିଛନ୍ତି । ଭାରତ ଭଳି ସ୍ଥିର ଅର୍ଥନୈତିକ ଓ ବିକାଶଶୀଳ ଦେଶ ସବୁବେଳେ ମାପିଚୁପି ନିଷ୍ପତ୍ତି ନେଉଥିବା ବେଳେ ପଡ଼ୋଶୀ ପ୍ରଥମ ନୀତିକୁ ଆଗକୁ ନେଇ ସମଗ୍ର ଏସିଆର ପ୍ରଗତି ପାଇଁ ଚେଷ୍ଟା କରୁଛି ଭାରତ । କିନ୍ତୁ ଭାରତର ଚତୁଃପାର୍ଶ୍ୱରେ ଏଭଳି ଅଶାନ୍ତ ପରିବେଶ ଭାରତ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି ।

# ଅଶାନ୍ତ ପଡ଼ୋଶୀ



## ବାଂଲାଦେଶରେ ଅସ୍ଥିରତା

୨୦୨୨ ମସିହାରୁ ବାଂଲାଦେଶର ଦାନା ବାନ୍ଧିଥିଲା ଅସ୍ଥିରତା । ଶେଷରେ ୨୦୨୪ ମସିହା ଅଗଷ୍ଟରେ ଜଳିଥିଲା ଅଶାନ୍ତର ନିଆଁ । ଦେଶରେ ହସିନା ସରକାରଙ୍କ ବିବାଦୀୟ ସଂରକ୍ଷଣ ନିୟମକୁ ବିରୋଧ କରି ଛାତ୍ର ଆନ୍ଦୋଳନ ଶେଷରେ ବ୍ୟାପକ ହିଂସାକାଣ୍ଡର ରୂପ ନେଇଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍‌ହସିନାଙ୍କ ଶାସନତନ୍ତ୍ର ଶେଷକୁ ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା ଦେଶରେ ବିଗିଡ଼ି ଯାଇଥିଲା ସ୍ଥିତି । ଶେଷରେ ନିଜର ସୁରକ୍ଷା ଓ ଜୀବନ ବଞ୍ଚାଇବାକୁ ଶେଖ ହସିନା ଭାରତର ଶରଣାପନ୍ନ ହୋଇଥିଲେ । ବର୍ତ୍ତମାନ ସେଠାରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ମଧ୍ୟବର୍ତ୍ତୀ ସରକାର ଚାଲିଛି । କିନ୍ତୁ ଦେଶର ଅର୍ଥନୀତି ବିଶେଷ କରି ବୟନ ଶିଳ୍ପ ଉପରେ ସମୃଦ୍ଧ ଥିବା ବାଂଲାଦେଶ ଓ ଭାରତ ସହ ବାଣିଜ୍ୟ କାରବାର ଠପ୍ ହେବା ଦ୍ୱାରା ବାଂଲାଦେଶ ଆର୍ଥିକ ସ୍ଥିତି ଅଧିକ ଖରାପ ହୋଇଯାଇଛି । ୟୁନୁସ୍ ସରକାରଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଫଳରେ ଭାରତ ମଧ୍ୟ ବାଂଲାଦେଶ ସହ ଯେସାକୁ ତେସା ନୀତି ଆଧାରରେ ଅନେକ କଟକଣା ଲଗାଇଛି । ମହମ୍ମଦ ୟୁନୁସ୍ ଚୀନ୍ ସହ ହାତ ମିଳାଇ ଭାରତ ବିରୋଧୀ ମନ୍ତ୍ରଣା କରୁଛନ୍ତି । ସେଠାରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ଭାରତ ନିନ୍ଦା କରିବା ସହ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ସୁରକ୍ଷାକୁ ନେଇ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକର ଦୃଷ୍ଟି ଆକର୍ଷଣ କରିଛି ଭାରତ । ଭାରତୀୟ ନାଗରିକମାନଙ୍କୁ ବାଂଲାଦେଶ ଗସ୍ତରେ ଯିବା ଉପରେ ଟ୍ରାଭେଲ୍ ଆଡ୍‌ଭାଇଜର ଜାରି କରିଛନ୍ତି କେନ୍ଦ୍ର ସରକାର ।






## ଶ୍ରୀଲଙ୍କାର ଦେବାଳିଆ ସ୍ଥିତି



ଶ୍ରୀଲଙ୍କା ତା'ର ସ୍ୱାଧୀନତା ପରେ ସବୁଠୁ ଉତ୍କଟ ଆର୍ଥିକ ସ୍ଥିତି ଦେଇ ଗତି କରୁଛି । ଏଭଳି ସ୍ଥିତି ଅଧିକ ସଂଗୀନ ହୋଇଥିଲା ୨୦୨୨ ମସିହାରେ । ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ବ୍ୟାପକ ହ୍ରାସ, କରୋନା ମହାମାରୀ ପରେ ଶ୍ରୀଲଙ୍କାର ପର୍ଯ୍ୟଟନ ଶିଳ୍ପ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା । ଦେଶରେ ଶକ୍ତି ସଂକଟ, ଖାଦ୍ୟ ଓ ଇନ୍ଧନର ଅଭାବ ଶେଷର ଜନ ଆନ୍ଦୋଳନର ରୂପ ନେଇଥିଲା । ୨୦୨୨ ମେ ମାସରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକସେଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା । ସାଧାରଣ ଜନତାଙ୍କ ଅସନ୍ତୋଷ ଶେଷରେ ରାଷ୍ଟ୍ରପତି ଭବନ ଯାଏ ପହଞ୍ଚି ଯାଇଥିଲା । ରାଷ୍ଟ୍ରପତି ଭବନ ଭିତରେ ପଶି ଲୋକେ ଆସବାବ ପତ୍ର ଭଙ୍ଗାରୁଜା କରିଥିଲେ । ରାଷ୍ଟ୍ରପତିଙ୍କ ଶୟନ କକ୍ଷରେ ତାଣ୍ଡବ ନୃତ୍ୟ କରିଥିଲେ ସାଧାରଣ ଜନତା । ସରକାରୀ ଅର୍ଥ ତୋଷାରପାତ ଅଭିଯୋଗରେ ପ୍ରଧାନମନ୍ତ୍ରୀ ରାନିଲେ ବିକ୍ରମସିଂଘେଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିଥିଲା । ଶେଷରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଶ୍ରୀଲଙ୍କାକୁ ସହାୟତା କରିବା ପରେ ଧୀରେ ଧୀରେ ଶ୍ରୀଲଙ୍କାର ସ୍ଥିତି ସ୍ୱାଭାବିକ ହେବାର ଲାଗିଛି । ଭାରତ ଶ୍ରୀଲଙ୍କାର ପଡ଼ୋଶୀ ଓ ମିତ୍ରଦେଶ ହିସାବରେ ସହଯୋଗ ସ୍ୱରୂପ ୧ ବିଲିୟନ ଡଲାର୍ କ୍ରେଡିଟ୍ ଲାଇନ ପ୍ରଦାନ କରିଥିଲା । ୨୦୨୨ ମସିହାରେ ଶ୍ରୀଲଙ୍କାର ଅର୍ଥମନ୍ତ୍ରୀ ଭାରତ ଗସ୍ତରେ ଆସିବା ସହ ଭାରତ ଶ୍ରୀଲଙ୍କାକୁ ପୁଣି ୫ଶହ ମିଲିୟନ ଡଲାର କ୍ରେଡିଟ୍ ଲାଇନ୍ ସହଯୋଗ ଓ ୨୦୨୩ ମସିହା ଏପ୍ରିଲରେ ୨ ଶହ ମିଲିୟନ୍ କ୍ରେଡିଟ୍ ଲାଇନ ସହଯୋଗ କରିଛି ଭାରତ । ଶ୍ରୀଲଙ୍କରା ଶକ୍ତି ସଙ୍କଟ ଦୂର ପାଇଁ ଭାରତ ହଜାର ହଜାର ଟନ୍ ପେଟ୍ରୋଲ, ଡିଜେଲ ଓ ଇନ୍ଧନ ସହାୟତା ଦେଇ ମିତ୍ରତାର ପରିଚୟ ଦେଇଛି ।








## ପାକିସ୍ତାନରେ କ୍ଷମତା ଯୁଦ୍ଧ

ଭାରତର ପାରମ୍ପରିକ ଶତ୍ରୁ ରାଷ୍ଟ୍ର ଏବଂ ପରମାଣୁ ଶକ୍ତିସମ୍ପନ୍ନ ପାକିସ୍ତାନ ମଧ୍ୟ ଗତ ଦୁଇ ବର୍ଷ ମଧ୍ୟରେ ଦୁଇଟି ବଡ଼ ବିକ୍ଷୋଭ ପ୍ରଦର୍ଶନ ଓ ରାଜନୈତିକ ଅସ୍ଥିରତା ଭିତରେ ଗତି କରୁଛି । ୨୦୨୩ ମସିହା



ମଇରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଗିରଫଦାରୀ ପରେ ସମଗ୍ର ପାକିସ୍ତାନରେ ନିଆଁ ଜଳିଥିଲା । ଇମ୍ରାନଙ୍କ ସମର୍ଥକମାନେ ଲାହୋରରୁ ଇସଲାମାବାଦ ଏବଂ ରାୱଲପିଣ୍ଡି ପର୍ଯ୍ୟନ୍ତ ରାସ୍ତାରେ ବିକ୍ଷୋଭ, ରାଲି ଓ ପୋଡ଼ାଜଳା କରିଥିଲେ । ସରକାରୀ କୋଠା, ପୋଲିସ ପୋଷ୍ଟ ଏବଂ ସେନା ପ୍ରତିଷ୍ଠାନ ଉପରେ ଆକ୍ରମଣ କରି ନିଆଁ ଲଗାଇ ଦେଇଥିଲେ । ସ୍ଥିତି ନିୟନ୍ତ୍ରଣ ପାଇଁ ଅନେକ ସହରରେ କର୍ଫ୍ୟୁ ଭଳି ସ୍ଥିତି ସୃଷ୍ଟି ହୋଇଥିଲା ଏବଂ ଇଣ୍ଟରନେଟ୍ ସେବା ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା । ଏହା ପାକିସ୍ତାନ ଇତିହାସର ଏକ ପ୍ରମୁଖ ଘଟଣା ମଧ୍ୟରୁ ଗୋଟିଏ । ଯେତେବେଳେ ଜନସାଧାରଣଙ୍କ କ୍ରୋଧ ସିଧାସଳଖ ସେନା ଆଡ଼କୁ ମୁହାଁଇଥିଲା । ଏହି ପ୍ରଦର୍ଶନଗୁଡ଼ିକ ସୂଚାଇ ଦେଉଥିଲା ଯେ, ପାକିସ୍ତାନର ରାଜନୀତି ଏବଂ କ୍ଷମତା ଉପରେ କେତେ ବଡ଼ ସଙ୍କଟ ଅଛି । ଇମ୍ରାନଙ୍କୁ ତୋଶା ଖାନ ମାମଲାରେ ଗିରଫ ସହ ପ୍ରାୟ ଏକ ବର୍ଷ ପରେ, କ୍ଷମତାରୁ ହଟିବା ପରେ ତାଙ୍କ ପ୍ରଦର୍ଶନରେ ଓ ଜେଲରୁ ମୁକ୍ତ ପାଇଁ ଏଭଳି ପ୍ରଦର୍ଶନ କରାଯାଇଥିଲା । ଇମ୍ରାନ ଏବେ ବି ଜେଲରେ ଅଛନ୍ତି । ଏହି ପ୍ରଦର୍ଶନରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ, ହଜାର ହଜାର ଲୋକଙ୍କୁ ଗିରଫ କରାଯାଇଥିଲା । ୨୦୨୫ ମସିହାରେ ଭାରତ ପାକିସ୍ତାନ ସଂପର୍କ ଅଧିକ ବିଗିଡ଼ି ଯାଇଥିଲା । ଯେତେବେଳେ କି ଚଳିତ ବର୍ଷ ମଇ ମାସରେ ପାକିସ୍ତାନ ପ୍ରଯୋଜିତ ଆତଙ୍କବାଦୀମାନେ ପହଲଗାମରେ ୨୬ଜଣ ନୀରିହ ପର୍ଯ୍ୟଟକଙ୍କୁ ସେମାନଙ୍କ ଧର୍ମ ପଚାରି ହତ୍ୟା କରିଥିଲେ । ଭାରତ ଏହାର କଡ଼ା ଜବାବ ଅପରେସନ୍ ସିନ୍ଦୂର ମାଧ୍ୟମରେ ସୁଝାଇଥିଲା । ପାକିସ୍ତାନ ଭିତରେ ଗର୍ଜିଥିଲା ଭାରତର ରାଫେଲ ଓ ସୁଦର୍ଶନ ଚକ୍ର ଡ୍ରୋନ୍ । ସାରା ବିଶ୍ୱ ଦେଖିଥିଲା ପାକିସ୍ତାନ ବିରୋଧରେ ଭାରତର ପରାକ୍ରମ । ଅପରେସନ୍ ସିନ୍ଦୂର ।






## ମିଆଁମାରରେ ସାମରିକ ଶାସନ ବିରୁଦ୍ଧରେ ଯୁଦ୍ଧ

ଭାରତର ଆଉ ଏକ ପଡ଼ୋଶୀ ରାଷ୍ଟ୍ର ମିଆଁମାରରେ ମଧ୍ୟ ଅସ୍ଥିରତା ଜାରି ରହିଛି । ୨୦୧୫ ମସିହାରେ ସେଠାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଅଙ୍ଗ ସାନ୍ ସୁ କିଙ୍କ ଦଳ ଏକପାଖିଆ ବିଜୟ ହାସଲ କରିଥିଲା । କିନ୍ତୁ ସେ ରାଷ୍ଟ୍ରପତି ହୋଇପାରି ନ ଥିଲେ । ଏହା ପରେ, ସେ ପୁଣି ୨୦୨୦ ମସିହା ନିର୍ବାଚନରେ ସଫଳତା ପାଇଲେ । ତଥାପି, ମିଆଁମାର ସେନା ତାଙ୍କ ବିଜୟ ଉପରେ ପ୍ରଶ୍ନ ଉଠାଇଥିଲା । ଫେବୃଆରୀ ୨୦୨୧ରେ, ମିଆଁମାର ସେନା ଅଙ୍ଗ ସାନ୍ ସୁ କିଙ୍କ ସମେତ ଅନେକ ନେତାଙ୍କୁ ଗିରଫ କରି ଏକତରଫା କ୍ଷମତା ଦଖଲ କରିଥିଲା ସେନା । ଏଭଳି ଘଟଣାକୁ ନେଇ ସାରା ଦେଶରେ ପ୍ରତିବାଦ ହୋଇଥିଲା । ଏଥିରେ ଅନେକ ଲୋକ ପ୍ରାଣ ହରାଇଥିଲେ ।

ସେବେଠାରୁ ଦେଶର ପରିସ୍ଥିତି ନିରନ୍ତର ଅସ୍ଥିର ରହିଛି । ଲୋକମାନେ ଗଣତନ୍ତ୍ରର ପୁନରୁଦ୍ଧାର ପାଇଁ ସଂଘର୍ଷ କରୁଛନ୍ତି । ୨୦୨୫ ମସିହାରେ ମଧ୍ୟ ବିଶ୍ୱବିଦ୍ୟାଳୟ, ମନ୍ଦିର ଏବଂ ସହରଗୁଡ଼ିକରେ ପ୍ରତିବାଦ ହୋଇଥିଲା । ଛାତ୍ର, ନାଗରିକ, ସାମାଜିକ ସଂଗଠନ ସେନା ବିରୁଦ୍ଧରେ ସ୍ୱର ଉଠାଇଥିଲେ । ବିଦ୍ରୋହ ପରଠାରୁ, ଦେଶର ନେତା ଅଙ୍ଗ ସାନ୍ ସୁ କି ଜେଲରେ ଅଛନ୍ତି । ଦେଶରେ ଏଭଳି ପରିସ୍ଥିତିରେ, ଇଣ୍ଟରନେଟ୍ ବ୍ଲାକ୍ ଆଉଟ୍ ଏବଂ ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ଲଗାଇଛି ସେନା । ମିଆଁମାର ଉପରେ ଅନ୍ତର୍ଜାତୀୟ ଚାପ ମଧ୍ୟ ବଢୁଛି । କିନ୍ତୁ ସାମରିକ ଶାସନ ଏବେ ବି ଦୃଢ଼ ଭାବରେ କ୍ଷମତାରେ ଅଛି । ୨୦୨୧ ମସିହାରେ ମିଆଁମାରରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନ ବସନ୍ତ ବିପ୍ଳବ ଭାବରେ ଜଣାଶୁଣା ।



## ଆଫଗାନିସ୍ତାନକୁ ଫେରିଥିଲା ତାଲିବାନ

ଭାରତର ଆଉ ଏକ ପଡ଼ୋଶୀ ଦେଶ ଆଫଗାନିସ୍ତାନରେ ମଧ୍ୟ ବିଦ୍ରୋହର ଇତିହାସ ବେଶ୍ ଲମ୍ବା । ଅଗଷ୍ଟ ୨୦୨୧ ମସିହାରେ ଆମେରିକୀୟ ସେନା ଆଫଗାନିସ୍ତାନବାସୀଙ୍କୁ ଗଣତନ୍ତ୍ର ପ୍ରତିଷ୍ଠା ନାଁରେ କୂଳ କିନାରା ନଦେଇ ହଠାତ ମଝି ଦରିଆରେ ଛାଡ଼ି ଚାଲି ଯାଇଥିଲା । ଫଳରେ ଆଫଗାନିସ୍ତାନକୁ ପୁଣି ଫେରିଥିଲା ତାଲିବାନୀଙ୍କ ବର୍ବୋରଚିତ ଶାସନ । ଦେଶ ଛାଡ଼ିବାକୁ ବାଧ ହୋଇଥିଲେ ରାଷ୍ଟ୍ରପତି ଆସରଫ୍ ଘାନି । ବର୍ତ୍ତମାନ ଆଫଗାନିସ୍ତାନରେ ତାଲିବାନୀଙ୍କ ଅନ୍ଧାରୀ ଶାସନ ଚାଲୁଛି । ଏଠାରେ ମହିଳା ଶିକ୍ଷା ଉପରେ ଲାଗିଛି କଡ଼ା କଟକଣା । ଦେଶରେ କେଉଁଠି ନା କେଉଁଠି ପ୍ରତିଦିନ ଆତ୍ମଘାତୀ ଆକ୍ରମଣ ଓ ବୋମା ମାଡ଼ ଜାରି ରହିଛି । ଆଫଗାନିସ୍ତାନ ଉପରେ ତାଲିବାନୀମାନଙ୍କ ଗିଲୋଟିନ ଶାସନକୁ ବିଶ୍ୱ କେବଳ ନିରବଦ୍ରଷ୍ଟା ଭାବେ ଦେଖି ଚାଲୁଛି । କିନ୍ତୁ ଆଫଗାନିସ୍ତାନରେ କ'ଣ ସବୁ ଚାଲିଛି ଓ ଏହି ଦେଶବାସୀଙ୍କ ଜୀବନରେ ନୂଆ ସୂର୍ଯ୍ୟ ଉଇଁବାର ସମୟ କାହିଁକି ନିକଟର ଭବିଷ୍ୟତରେ ଦେଖା ଯାଉନି ।





## ଅଶାନ୍ତ ପଡ଼ୋଶୀ ଓ ଭାରତର ଆଭିମୁଖ୍ୟ



୨୦୨୧ ମସିହାରେ ପଡ଼ୋଶୀ ମିଆଁମାର, ୨୦୨୨ ମସିହାରେ ପାକିସ୍ତାନ, ୨୦୨୪ ମସିହାରେ ଶ୍ରୀଲଙ୍କା ପରେ ଏବେ ନେପାଳରେ ସ୍ଥିତି ସଙ୍ଗୀନ । ଆର୍ଥିକ ସଂକଟ ଓ ରାଜନୈତିକ ଅସ୍ଥିରତା ଭିତରେ ନେପାଳ ଏକ ବଡ଼ ସଂକଟ ଭିତରକୁ ଚାଲି ଯାଇଛି । ବର୍ତ୍ତମାନ ନେପାଳରେ ହିଂସା ଭାରତକୁ ବ୍ୟଥିତ କରିଛି । ନେପାଳ ସ୍ଥିତି ଦେଖି ଭାରତ ମଧ୍ୟ ମାପିଚୁପି ନିଷ୍ପତ୍ତି ନେଉଛି । ସମଗ୍ର ଦକ୍ଷିଣ ଏସିଆରେ ଶାନ୍ତି ଓ ସ୍ଥିରତା ପାଇଁ ଭାରତ ସବୁବେଳେ ଚେଷ୍ଟା କରୁଛି । ପଡ଼ୋଶୀ ପ୍ରଥମ ନୀତି ଆଧାରରେ ପଡ଼ୋଶୀମାନଙ୍କ ସହ ସୁସଂପର୍କ ରଖି ଏସିଆର ପ୍ରଗତିରେ ମିଳିତ ଭାଗିଦାରୀ ପାଇଁ ସବୁବେଳେ ଇଚ୍ଛା ପ୍ରକାଶ କରୁଛି ଭାରତ । କିନ୍ତୁ ବିକାଶଶୀଳ ଦେଶ ଭାରତ ପାଇଁ ପ୍ରତିବନ୍ଧକ ସାଜିଛନ୍ତି ତା'ର ଏହି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ । ପଡ଼ୋଶୀ ଦେଶଗୁଡ଼ିକରେ ଗୃହଯୁଦ୍ଧ, ବିଦ୍ରୋହ, ରାଜନୈତିକ ଅସ୍ଥିରତା, ଦେବାଳିଆ ଅର୍ଥନୀତି ଆଉ ଦୃଢ଼ ଶାସନ ପାଇଁ ନେତୃତ୍ୱର ଅଭାବ ଯୋଗୁଁ ଭାରତର ଦକ୍ଷିଣ ପାର୍ଶ୍ୱ ପଡ଼ୋଶୀ ଶ୍ରୀଲଙ୍କା, ପୂର୍ବରେ ନେପାଳ, ବାଂଲାଦେଶ ଓ ପଶ୍ଚିମରେ ପାକିସ୍ତାନ ଭଳି ଦେଶର ପ୍ରଭାବ ମଧ୍ୟ ଭାରତରେ ପଡ଼ିଛି । ତେବେ ଗତ ୧୨ ବର୍ଷ ଧରି ଭାରତରେ ସ୍ଥିର ସରକାର, ସନ୍ତୁଳିତ ଜାତୀୟ ଅଭିବୃଦ୍ଧି ଭାରତ ବିକାଶରେ ସହାୟକ ହୋଇପାରୁଛି । ଏହାସହ ଭାରତ ଉପରେ ଆମେରିକାର ଉଚ୍ଚ ଟାରିଫ୍ ମାଡ଼ ପରେ ଭାରତ, ଚୀନ୍ ସମେତ ନିଜର ପଡ଼ୋଶୀ ଓ ବନ୍ଧୁ ରାଷ୍ଟ୍ରଗୁଡ଼ିକ ସହ ବ୍ୟବସାୟ ବୃଦ୍ଧି ପାଇଁ ନୂଆ ରଣନୀତି କରିଛି । ଭାରତ ତା'ର ଛୋଟ ଛୋଟ ପଡ଼ୋଶୀମାନଙ୍କୁ ଆର୍ଥିକ ଓ ବୈଷୟିକ ସହାୟତା ମଧ୍ୟ ପ୍ରଦାନ କରି ଆସୁଛି । ଗ୍ଲୋବାଲ୍ ସାଉଥର ଗୁରୁତ୍ୱ ବୃଦ୍ଧି ପାଇଁ ଆନ୍ତର୍ଜାତୀୟ ମଞ୍ଚରେ ଦାବି କରୁଛି ଭାରତ । ବର୍ତ୍ତମାନ ବହୁଧ୍ରୁବୀୟ ବିଶ୍ୱରେ ନେତୃତ୍ୱ ଅଭାବ ଜାରି ରହିଥିବା ବେଳେ ଭାରତ ରୁଷ –ଚୀନ ଓ ୟୁରୋପୀୟ ଦେଶଗୁଡ଼ିକ ସହ ସମନ୍ୱୟ ରଖି ୟୁକ୍ରେନ୍ ଯୁଦ୍ଧ ବନ୍ଦ, ମଧ୍ୟ ପ୍ରାଚ୍ୟରେ ଅସ୍ଥିରତା ଓ ଜାତିସଂଘରେ ସଂସ୍କାର ଆଣିବାକୁ ସବୁବେଳେ ଚେଷ୍ଟା କରୁଛି । ଭାରତ ବିଶ୍ୱର ଏକ ମହାଶକ୍ତି ଭାବେ ଉଭା ହୋଇଥିବା ବେଳେ ଆଗାମୀ ଦିନରେ ଭାରତ ସମସ୍ତଙ୍କ ସହଯୋଗ ଦ୍ୱରା ବିଶ୍ୱ ନେତୃତ୍ୱର ଶୀର୍ଷରେ ପହଞ୍ଚିବାକୁ ଚେଷ୍ଟା ଜାରି ରଖିଛି ।



ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## କନକବର୍ଦ୍ଧନଙ୍କ ଓଲଟା ଗତି

ପୂର୍ବ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନାତି ପାଟଣାଗଡ଼ ରାଜା କନକବର୍ଦ୍ଧନ ଓରଫ୍ କେଭିଙ୍କୁ ରାଜ୍ୟରେ କିଏ ନ ଚିହ୍ନେ ? ପୂର୍ବରୁ ଶଙ୍ଖ-ପଦ୍ମ ମେଣ୍ଟ ସରକାରରେ ସେ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଦୀର୍ଘ ନଅ ବର୍ଷକାଳ ବିଭିନ୍ନ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ପଦ ସମ୍ଭାଳିଥିଲେ। ବିଧାନସଭାରେ ବିଜେପି ବିଧାୟକ ଦଳ ନେତା, ରାଜ୍ୟ ବିଜେପି ସଭାପତି ପରି ଅନେକ ଗୁରୁତ୍ୱପୂର୍ଣ୍ଣ ପଦରେ ବି ସେ ବସିଛନ୍ତି । ମାତ୍ର ଆଜିକାଲି ସମୟ ଯେମିତି ଚାଲିଛି, ସେଥିରେ କୁଆଡ଼େ ମନ୍ତ୍ରୀ ପଦରେ ତାଙ୍କର ଆଉ ମନ ଲାଗୁନାହିଁ । ମନ୍ତ୍ରୀଫନ୍ତ୍ରୀ ପଦ ଛାଡ଼ି ସାମ୍ବାଦିକ ହେବାକୁ ସିଂହଦେଓ ମନ ବଳାଇଛନ୍ତି ବୋଲି କିଛି ବୁମ୍‌ଧାରୀ ପ୍ରଚାର କରୁଛନ୍ତି । ଏପରିକି ବୁମ୍ ଧରିବାର ପ୍ରାଇମେରୀ ଟେଷ୍ଟରେ ସିଂହଦେଓ କୁଆଡ଼େ ପାସ୍ କରିଥିବା ଅନେକ କହୁଛନ୍ତି। ଏକ ଜାତୀୟ ନ୍ୟୁଜ୍ ଏଜେନ୍ସିର ବୁମ୍ ଧରି ମନ୍ତ୍ରୀ ପରିଷଦରେ ନିଜ ସହଯୋଗୀ ତଥା ଉପମୁଖ୍ୟମନ୍ତ୍ରୀ ଓରଫ୍ ମହିଳା ଶିଶୁକଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ପ୍ରଶ୍ନ ସହ ହିନ୍ଦୀରେ କେଭି ଉତ୍ତର ମାଗିବା ଦେଖି ଓଡ଼ିଆ ଅସ୍ମିତା କୃତ୍ୟକୃତ୍ୟ ହୋଇଯାଇଛି। ଓଡ଼ିଆ ଅପେକ୍ଷା କନକବର୍ଦ୍ଧନଙ୍କ ଇଂରାଜୀ ଓ ହିନ୍ଦୀ ଭାରି ଷ୍ଟ୍ରଙ୍ଗ ବୋଲି ସମସ୍ତେ ଜାଣନ୍ତି; ମାତ୍ର ହିନ୍ଦୀ ଚ୍ୟାନେଲ ବୁମ୍ ଧରିବେ ବୋଲି ମ୍ୟାଡ଼ାମ୍ ପରିଡ଼ାଙ୍କୁ ହିନ୍ଦୀ କହିବାକୁ କନକ ବାଧ କରିବା କଥାଟା କାହିଁକି ମନକୁ ପାଉନାହିଁ । କେଇଦିନ ତଳେ କନକଙ୍କ ସହଯୋଗୀ ମନ୍ତ୍ରୀ ଗୋକୁଳାନନ୍ଦ 'ଓ-ହବ୍'ର ଜଣେ ହିନ୍ଦୀଭାଷୀ ମହିଳା ଅଧିକାରୀଙ୍କୁ ଓଡ଼ିଆ ଶିଖିବା ଓ ଓଡ଼ିଆରେ କହିବାକୁ ପରାମର୍ଶ ଦେଉଥିଲେ, ମାତ୍ର ନିଜ ସହଯୋଗୀଙ୍କୁ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ କହିବାକୁ କନକ କହୁଛନ୍ତି କିପରି ? ■



## ଖୋଜା ଚାଲିଛି ଉତ୍ତରାଧିକାରୀ

ଭରତପୁର ଥାନା ଘଟଣା ପରେ ଗଲାବର୍ଷ ସେପ୍ଟେମ୍ବର ୩୦ରେ ଦ୍ୱୈତନଗରୀ ପୁଲିସ କମିଶନରେଟ୍ ମୁଖିଆ ପଦରେ ଅବସ୍ଥାପିତ ହୋଇଥିଲେ ୧୯୯୭ ବ୍ୟାଚ୍ ଆଇପିଏସ୍ ସୁରେଶ ଦେବଦତ୍ତ ସିଂହ । ତତ୍କାଳୀନ ପୁଲିସ କମିଶନର ସଞ୍ଜୀବ ପଣ୍ଡାଙ୍କଠାରୁ ସେ ଦାୟିତ୍ୱ ସମୟରେ ରାଜଧାନୀର ଅପରାଧୀଙ୍କୁ ପୁଷ୍ପା ଷ୍ଟାଇଲରେ ପୁଲିସ 'ଫ୍ଲାୱାର ନେହିଁ ଫାୟାର' ବୋଲି ଚେତାବନୀ ଦେଇ ଦ୍ୱୈତନଗରୀ ବାସିନ୍ଦାଙ୍କ ମନରେ ଏକ ଆଶାର କିରଣ ସୃଷ୍ଟି କରିଥିଲେ। ମାତ୍ର ବର୍ଷକ ଭିତରେ ରାଜଧାନୀ ଭୁବନେଶ୍ୱର ଓ ପୁରୁଣା ରାଜଧାନୀ କଟକରେ ଘଟିଥିବା ଘଟଣା କୁଆଡ଼େ ସରକାରଙ୍କୁ ନିରାଶ କରିଛି । ସାଧାରଣ ଲୋକମାନେ ପୁଲିସଠାରୁ ନ୍ୟାୟ ପାଉ ନ ଥିବା ଅଭିଯୋଗ ହେଉଛି । ଚୋରାବାଲି ଗାଡ଼ି ଧରିବାରୁ କମିଶନରେଟ ପୁଲିସର ଜଣେ ମହିଳା ଅଧିକାରୀଙ୍କୁ କୁଆଡ଼େ ରାତାରାତି ବଦଳି କରାଯାଇଛି । ସାଧାରଣ ବରଯାତ୍ରୀ ଶୋଭାଯାତ୍ରାକୁ ଅନୁମତି ଦେବାକୁ ଚାନ୍ଦା ନେଉଥିବା ଅଧିକାରୀଙ୍କୁ ରାଜନୈତିକ ଚାପ ପରେ ବଦଳି କରାଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ଆଉ ଏକ ଦୁଧିଆଳୀ ଥାନାରେ ଅବସ୍ଥାପିତ କରାଯାଇଥିବା ଶୁଣିବାକୁ ମିଳୁଛି। କମିଶନରେଟ ପୁଲିସର କିଛି କର୍ମଚାରୀଙ୍କ ନାମରେ ସାଂଘାତିକ ଅଭିଯୋଗ ଗୃହ ବିଭାଗରେ ପହଞ୍ଚିଛି । ଏହି ସମୟରେ ସିପିଙ୍କ କାର୍ଯ୍ୟାଳୟର ଜଣେ କନଷ୍ଟେବଳ ତାଙ୍କର ସହଯୋଗୀ ମହିଳା କନଷ୍ଟେବଲଙ୍କୁ ହତ୍ୟା କରି ଅଫିସ ପାର୍କିଂର ଗାଡ଼ି ଭିତରେ ଲୁଚାଇ ରଖିବା ଖାକିରେ ଲଗାଇଛି ଦାଗ । ସେଥିପାଇଁ କୁଆଡ଼େ କମିଶନରେଟ ପୁଲିସ ପାଇଁ ନୂଆ ମୁଖିଆ ସନ୍ଧାନ କରୁଛନ୍ତି ସରକାର । ହେଲେ କମ୍ବଳ ଯାକ ତ ବାଳ, ଦେବଦତ୍ତଙ୍କ ଉତ୍ତରାଧିକାରୀ ହେବ କିଏ ? ■



## କିଏ ନେଇଗଲା ଭାଲୁଙ୍କ ସୁନା?

ବିଧାୟକମାନଙ୍କ ପାଇଁ ବିଧାନସଭା ହେଉଛି ପବିତ୍ର ମନ୍ଦିର । ସେଥିପାଇଁ ଅନେକ ନବ ନିର୍ବାଚିତ ବିଧାୟକ ବିଧାନସଭାକୁ ପ୍ରଥମ ପ୍ରବେଶ ସମୟରେ ମୁଣ୍ଡିଆ ମାରୁଥିବା ଦୃଶ୍ୟ ଆମେ ଦେଖିଛୁ। ହେଲେ ମାତ୍ର ଯେଉଁ ବିଧାନସଭା ପରିସରକୁ କାହାରି ପ୍ରବେଶ ଅନୁମତି ନାହିଁ; ଗୃହ ଭିତରକୁ ଯିବାବେଳେ ତିନି ଥାକ ତନଖି ହେଉଛି, ସେଠାରୁ ପୁଣି ବିଧାୟକଙ୍କ ସାମଗ୍ରୀ ଚୋରି ହେଉଛି ? ଅଲଗା ସାମଗ୍ରୀ କଥା ଛାଡ଼ନ୍ତୁ; କୋରାପୁଟ ଭାଲୁଭାଇନାଙ୍କ ସୁନା ବି ଚୋରି ହୋଇ ଯାଇଛି । ଏ କଥା ସହଜେ ବିଶ୍ୱାସ ହେଉନାହିଁ ସିନା; ବିଧାନସଭାରେ ଶପଥ ନେଇଥିବା ଭାଲୁ ଭାଇନାଙ୍କ କଥା କିପରି ଅବିଶ୍ୱାସ କରିହେବ ? ଅନ୍ୟମାନଙ୍କ ଚଷମା, କଲମ, ସାର୍ଟପେଣ୍ଟ ଚୋରି ହୋଇଥିବାବେଳେ ଭାଲୁଭାଇନାଙ୍କ ସୁନା ଚୋରି ହୋଇ ଯାଇଥିବା ନିଜେ ସେ କହିଛନ୍ତି । ପୁଣି ପୁଲିସ ସୁନା ଚୋରକୁ ପୁଲିସ ଧରି ପାରିଲା ନାହିଁ କିପରି ତାହା ଆଉ ଏକ ପ୍ରଶ୍ନ। ୨୦୦୫ ଡ଼ିସେମ୍ବର ୨୦ ତାରିଖରେ ସୋଲାପୁର-ପୁନେ ଷ୍ଟେସନ ମଧ୍ୟରେ ଜଣେ ଲୁଟେରା ଓଡ଼ିଶା ବିଧାନସଭାର ତତ୍କାଳୀନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କ ପତ୍ନୀଙ୍କ ମଙ୍ଗଳସୂତ୍ର ଝାମ୍ପି ନେଇଥିଲେ। ସେହି ସମୟରେ ମହାରାଷ୍ଟ୍ରର କୁରୁଡୁୱାଡ଼ି ଷ୍ଟେସନରେ ଏ ସମ୍ପର୍କରେ ଏତଲା ହୋଇଥିଲା। ଏହି ଘଟଣାର ୧୯ ବର୍ଷ ପରେ ଅର୍ଥାତ୍ ୨୦୨୪ ମାର୍ଚ୍ଚ ମାସରେ ମହାରାଷ୍ଟ୍ର ପୁଲିସର ଦୁଇଜଣ ଅଧିକାରୀ ବ୍ରହ୍ମପୁରରେ ଶ୍ରୀ ପଣ୍ଡାଙ୍କୁ ଉଦ୍ଧାର ହୋଇଥିବା ଚୋରି ସୁନା ହସ୍ତାନ୍ତର କରିଥିଲେ। ଟ୍ରେନ୍‌ରୁ ଚୋରି ହୋଇଥିବା ସୁନା ଯଦି ମହାରାଷ୍ଟ୍ର ପୁଲିସ ଉଦ୍ଧାର କରି ୧୯ ବର୍ଷ ପରେ ଫେରାଇବାକୁ ସକ୍ଷମ ହେଲା, ତେବେ ବିଧାନସଭା ଗୃହ ପରି ସୁରକ୍ଷିତ ଅଞ୍ଚଳ ଭିତରୁ ଚୋରି ହୋଇଥିବା ଭାଲୁ ଭାଇନାଙ୍କ ସୁନା ମିଳିବ ନାହିଁ କାହିଁକି ? ଭାଲୁଭାଇନା କ'ଣ ଓଡ଼ିଶା ପୁଲିସକୁ ନିକମ୍ମା ଭାବିଛନ୍ତି କି ?■



## ସୁନ୍ଦରଗଡ଼ ମଣିଙ୍କ ମତିଭ୍ରମ

ସୁନ୍ଦରଗଡରେ ପଦ୍ମ ଦଳର ଏକମାତ୍ର ମଣି ହେଉଛନ୍ତି ବାବୁ ଜୁଏଲ୍ । ୧୯୮୯ରେ ରାଜନୀତିରେ ପ୍ରବେଶ ପରେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ଓଡ଼ିଶା ବିଧାନସଭାକୁ ଦୁଇଥର, ସଂସଦକୁ ଚାରିଥର ନିର୍ବାଚିତ ହୋଇଛନ୍ତି । କେନ୍ଦ୍ରରେ ୩ଥର କ୍ୟାବିନେଟ୍ ମନ୍ତ୍ରୀ ପଦ ପାଇଛନ୍ତି । ଦୁଇଥର ରାଜ୍ୟ ପଦ୍ମ ଦଳର ସଭାପତି ହୋଇଛନ୍ତି, ରାଷ୍ଟ୍ରୀୟ ଉପସଭାପତି ଭାବରେ ବି କାର୍ଯ୍ୟ କରିଛନ୍ତି । ମାତ୍ର ବୟସ ବଢ଼ିବା ସହ ତାଙ୍କର କୁଆଡ଼େ ମତିଭ୍ରମ ଘଟିଥିବା ବଣେଇଁ ଅଞ୍ଚଳରେ ଭାରି ଚର୍ଚ୍ଚା। କେଇମାସ ତଳେ ସେ ରାଜ୍ୟପାଳ ହେବା ପାଇଁ ନିଜର ଇଚ୍ଛା ବ୍ୟକ୍ତ କରିଥିଲେ; ଏପରିକି ଦଳ ତାଙ୍କୁ ରାଜ୍ୟପାଳ ନ କଲେ ରାଜ୍ୟସଭାକୁ ଯିବାକୁ ସେ ପ୍ରସ୍ତୁତ ବୋଲି କହୁଥିଲେ। ଜୁଏଲଙ୍କ ମୁଖନିସୃତ ଏହି ଆଗ୍ରୋହକ୍ତିକୁ ନେଇ ସେତେବେଳେ ଆଲୋଡ଼ନ ସୃଷ୍ଟି କରିଥିଲା। ମାତ୍ର କେଇ ସପ୍ତାହ ତଳେ ବରସୁଆଁ ଓଏମସି ଖଣିରେ ଖଣିଜ ପରିବହନ ତତ୍ତ୍ୱାବଧାନ ପାଇଁ ପ୍ରତିନିଧି ନିଯୁକ୍ତି ଦେଇ ଜୁଏଲ୍ ଏକ ନୂଆ ପରମ୍ପରା ସୃଷ୍ଟି କରିଛନ୍ତି। ସଂସଦୀୟ କାର୍ଯ୍ୟରେ ବ୍ୟସ୍ତତା ଯୋଗୁଁ ସାଂସଦମାନେ ନିଜ କ୍ଷେତ୍ରର ବିକାଶମୂଳକ କାର୍ଯ୍ୟ ତତ୍ତ୍ୱାବଧାନ ନିମନ୍ତେ ପ୍ରତିନିଧିମାନଙ୍କୁ ନିଯୁକ୍ତି ଦେଇଥାଆନ୍ତି । ଏହି ପ୍ରତିନିଧିମାନେ ଜିଲ୍ଲା, ଉପଖଣ୍ଡ, ବ୍ଲକ୍ ଆଦିରେ ସଂସଦଙ୍କ ପ୍ରତିନିଧିତ୍ୱ କରୁଥିବା ଦେଖାଯାଏ । ମାତ୍ର ଖଣିରେ ସାଂସଦଙ୍କ ପ୍ରତିନିଧି କରିବେ କ'ଣ? ତା' ଛଡ଼ା ଦୁଷ୍କର୍ମ ଓ ବାଘଛାଲ ଚାଲାଣ ଅଭିଯୁକ୍ତ, ଘୁଡୁଘୁଡ଼ି ପଟି ଦଲାଲଙ୍କ ଛଡ଼ା ଜୁଏଲଙ୍କୁ କ'ଣ ଆଉ କେହି ମିଳିଲେ ନାହିଁ ? ଏହି ଘଟଣା ଜୁଏଲ୍ ପ୍ରେମୀଙ୍କୁ କୁଆଡ଼େ ବଡ଼ ବିମର୍ଶ କରିଛି । ସେଥିପାଇଁ ସେକ୍ଟର ୪ ପଦ୍ମ କାର୍ଯ୍ୟାଳୟରେ କିଛି କନିଷ୍ଠ ନେତା ମତିଭ୍ରମ ସଂକ୍ରାନ୍ତ ଆଲୋଚନାକୁ ଆଉ କେହି ମିଛ ବୋଲି ଭାବୁନାହାନ୍ତି। ■

**ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।**